## ଅଲ୍ଲାଃତାଲାଙ୍କ ବାଣୀ

وَاعْتَصِمُوْا بِحَبْلِ اللّٰہِ جَمِیْعًا وَّلَا تَفَرَّقُوْا۪ وَاذْکُرُوْا نِعْمَتَ اللّٰہِ عَلَیْکُمْ اِذْ کُنْتُمْ اَعْدَآءً فَاَلَّفَ بَیْنَ قُلُوْبِکُمْ فَاَصْبَحْتُمْ بِنِعْمَتِہٖۤ اِخْوَانًا ۚ (آل عمران:104)

ଅନୁବାଦ- ଏବଂ ତୁମେମାନେ ସମସ୍ତେ ଅଲ୍ଲାଃଙ୍କ ରଜ୍ଜୁକୁ ଦୃଢ଼ ଭାବେ ଧାରଣ କର; ଏବଂ (ପରସ୍ପରଠାରୁ) ପୃଥକ ହୁଅ ନାହିଁ; ଏବଂ ତୁମମାନଙ୍କ ପ୍ରତି ଅଲ୍ଲାଃଙ୍କ କୃପାକୁ ସ୍ମରଣ କର, ଯେତେବେଳେ କି ତୁମେମାନେ (ପରସ୍ପରର) ଶତ୍ରୁ ଥିଲ, ସେ ତୁମମାନଙ୍କ ହୃଦୟରେ ପ୍ରେମ ଭାବ ଜାଗ୍ରତ କରାଇଲେ, ଯଦ୍ୱାରା ତୁମେମାନେ ତାହାଙ୍କ କୃପାରୁ ଭାଇଭାଇ ହୋଇଗଲ ।

*(ଆଲେ ଇମରାନ୍: ୧୦୪)*

بِسْمِ اللّٰہِ الرَّحْمٰنِ الرَّحِیْمِ　نَحْمَدُہٗ وَنُصَلِّیْ عَلٰی رَسُوْلِہِ الْکَرِیْمِ　وَعَلٰی عَبْدِہِ الْمَسِیْحِ الْمَوْعُوْدِ

وَلَقَدْ نَصَرَکُمُ اللّٰہُ بِبَدْرٍ وَّاَنْتُمْ اَذِلَّۃٌ

ଖଣ୍ଡ 4

ସଂଖ୍ୟା 32

ସାପ୍ତାହିକ ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

08 ଅଗଷ୍ଟ 2019　08 ଜହୁର 1398 ହି.ଶ　06 ଜୁଲ୍‌ହଜାଃ 1440 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଖୁଦାଙ୍କ ଖାତିର୍ ବୁଦ୍ଧିରେ କାମ ନିଅ ଯଦ୍ୱାରା ବୁଦ୍ଧିରେ ଉତ୍କର୍ଷତା ଓ ଚୈତନ୍ୟତା ସୃଷ୍ଟିହେବ । ସଦାଚାରୀ ଓ ଧର୍ମପରାୟଣ ହୁଅ । ପବିତ୍ର ବୁଦ୍ଧି ଆକାଶରୁ ଆସିଥାଏ ଓ ନିଜ ସହିତ ଏ ଜ୍ୟୋତି ଆଣିଥାଏ କିନ୍ତୁ ସେ ଯୋଗ୍ୟ ଗୁଣର ସନ୍ଧାନରେ ରହିଥାଏ । ଏହି ପବିତ୍ର ସିଲ୍‌ସିଲାର କାନୁନ୍ ହେଉଛି ସେହି କାନୁନ୍, ଯାହା ଆମେ ଶାରିରୀକ କାନୁନ୍‌ରେ ଦେଖିଥାଉଁ । ଆକାଶରୁ ବର୍ଷା ବୃଷ୍ଟି ହୁଏ କିନ୍ତୁ ଗୋଟିଏ ସ୍ଥାନରେ ଉକ୍ତ ବୃଷ୍ଟିଦ୍ୱାରା ପୁଷ୍ପବାଟିକା ହୋଇଥାଏ ଓ ଅନ୍ୟ କେଉଁସ୍ଥାନରେ କଂଟା ଦ୍ରୁମ ଓ ବୁଦାଗଛ ଉଠିଥାଏ ଓ ଆଉଁ କେଉଁ ସ୍ଥାନରେ ସେହି ବର୍ଷାର ଜଳବିନ୍ଦୁ ସମୁଦ୍ର ଗର୍ଭରେ ଯାଇ ଅମୁଲ୍ୟ ମୋତି ହୋଇଥାଏ**

**ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ**

### ସଦାଚାରି ଓ ଧର୍ମନିଷ୍ଠ ହୁଅ ଫଳତଃ ବୁଦ୍ଧିରେ ଉତ୍କର୍ଷତା ଓ ଚୈତନ୍ୟତା ସୃଷ୍ଟି ହେବ ।

ଟିକିଏ ବୁଝ ଓ ଭାବ । ଖୁଦାଙ୍କ ଖାତିର୍ ବୁଦ୍ଧିରେ କାମ ନିଅ ଯଦ୍ୱାରା ବୁଦ୍ଧିରେ ଉତ୍କର୍ଷତା ଓ ଚୈତନ୍ୟତା ସୃଷ୍ଟିହେବ । ସଦାଚାରୀ ଓ ଧର୍ମପରାୟଣ ହୁଅ । ପବିତ୍ର ବୁଦ୍ଧି ଆକାଶରୁ ଆସିଥାଏ ଓ ନିଜ ସହିତ ଏ ଜ୍ୟୋତି ଆଣିଥାଏ କିନ୍ତୁ ସେ ଯୋଗ୍ୟ ଗୁଣର ସନ୍ଧାନରେ ରହିଥାଏ । ଏହି ପବିତ୍ର ସିଲ୍‌ସିଲାର କାନୁନ୍ ହେଉଛି ସେହି କାନୁନ୍, ଯାହା ଆମେ ଶାରିରୀକ କାନୁନ୍‌ରେ ଦେଖିଥାଉଁ । ଆକାଶରୁ ବର୍ଷା ବୃଷ୍ଟି ହୁଏ କିନ୍ତୁ ଗୋଟିଏ ସ୍ଥାନରେ ଉକ୍ତ ବୃଷ୍ଟିଦ୍ୱାରା ପୁଷ୍ପବାଟିକା ହୋଇଥାଏ ଓ ଅନ୍ୟ କେଉଁସ୍ଥାନରେ କଂଟା ଦ୍ରୁମ ଓ ବୁଦାଗଛ ଉଠିଥାଏ ଓ ଆଉଁ କେଉଁ ସ୍ଥାନରେ ସେହି ବର୍ଷାର ଜଳବିନ୍ଦୁ ସମୁଦ୍ର ଗର୍ଭରେ ଯାଇ ଅମୁଲ୍ୟ ମୋତି ହୋଇଥାଏ । କସେ କହୁଛନ୍ତି:

ଦର୍ ବାଗେ ଲାଲା ରୋୟଦ୍
ୱ ଦର ଶୁରାଃ ବୋମ୍ ଖସ୍

(ଅନୁବାଦ: ସେ ବଗିଚାରେ ଫୁଲ ଫୁଟାଇଥାଏ, ଏବଂ ଖରାପ ଭୂଇଁରେ ଘାସ)

ଯଦି ଭୂମି ଉପଯୁକ୍ତ ନାହିଁ ତେବେ ବର୍ଷାର କିଛି ଲାଭ ମିଳେ ନାହିଁ ବରଂ କ୍ଷତି ଓ ଅନିଷ୍ଟ ହୋଇଥାଏ । ତେଣୁ ଆକାଶୀୟ ଜ୍ୟୋତି ଅବତୀର୍ଣ୍ଣ ହୋଇଛି । ତାହା ହୃଦୟକୁ ଆଲୋକିତ କରିବୁ ଚାହୁଁଛି । ତାହାକୁ ଗ୍ରହଣ କରିବା ପାଇଁ ଏବଂ ସେଥିରୁ ଲାଭ ଉଠାଇବା ପାଇଁ ପ୍ରସ୍ତୁତ ହୋଇଯାଅ । ଅନ୍ୟଥା ଏପରି ନ ହେଉ କି ଏପରି ବର୍ଷା ଯାହା ଅନୁପଯୁକ୍ତ ଭୂମିକୁ ନଷ୍ଟ କରିଦେଇଥାଏ, ସେହିପରି ଜ୍ୟୋତି ଥିବା ସତ୍ୱେ ମଧ୍ୟ ତୁମେମାନେ ଅନ୍ଧାରରେ ମୁକୁଳା କୂଅ ଭିତରେ ପଡ଼ି ଶେଷ ହୋଇଯାଅ । ଅଲ୍ଲାଃ ତାଲା ମମତାମୟୀ ମାଆଙ୍କଠାରୁ ମଧ୍ୟ ଅଧିକା ଦୟାଶୀଳ । ସେ ଏହା ଚାହେଁ ନାହିଁ କି ତା'ର ପ୍ରାଣୀ ନଷ୍ଟ ହୋଇଯାଆନ୍ତୁ । ସେ ଉଚିତ ଶିକ୍ଷା ଓ ଆଲୋକର ମାର୍ଗ ତୁମ ପାଇଁ ଖୋଲିଥାନ୍ତି । କିନ୍ତୁ ତୁମେ ସେଥିରେ ପାଦ ରଖିବା ନିମନ୍ତେ ବୁଦ୍ଧି ଓ ପବିତ୍ର ମନ ଦ୍ୱାରା କାମ ନିଅ । ଯେମିତି କି, ଯେ ପର୍ଯ୍ୟନ୍ତ ଜମିକୁ ହଳ କରି ପ୍ରସ୍ତୁତ କରା ନ ଯାଇଛି ସେ ପର୍ଯ୍ୟନ୍ତ ସେଥିରେ ବୁଣାବୁଣି ହୁଏ ନାହିଁ । ସେହିପରି ଯେପର୍ଯ୍ୟନ୍ତ ଚେଷ୍ଟା ଓ ଅଭ୍ୟାସ ଦ୍ୱାରା ମନକୁ ପବିତ୍ର ନ କରାଯାଇଛି ସେ ପର୍ଯ୍ୟନ୍ତ ପବିତ୍ର ବୁଦ୍ଧି ଆକାଶରୁ ଅବତୀର୍ଣ୍ଣ ହୋଇପାରିବ ନାହିଁ ।

ଏ ଯୁଗରେ ଖୁଦାତାଲା ବହୁତ କୃପା କରିଛନ୍ତି । ନିଜ ଧର୍ମ ଓ ନବି ସ:ଆଙ୍କ ସମର୍ଥନରେ ସ୍ୱାଭିମାନ ଦେଖୀ ଜଣେ ମଣିଷକୁ ପ୍ରେରଣ କରିଛନ୍ତି ଯିଏ ତୁମ ମଧ୍ୟରେ କଥା କହୁଅଛି ଯଦ୍ୱାରା ସେ ଉକ୍ତ ଆଲୋକ ଆଡ଼କୁ/ ପ୍ରତି ସେମାନଙ୍କୁ ଡ଼ାକିଆଣୁ । ଯଦି ଏ ଯୁଗରେ ଏ ପ୍ରକାରର ବିଭ୍ରାଟ ନ ଥାନ୍ତା ଓ ଧର୍ମକୁ ନିଶେଷ କରିଦେବା ପାଇଁ ଯେତେ ମାତ୍ରାରେ ଚେଷ୍ଟା କରାଯାଉଅଛି, ତାହା କରାଯାଇନଥାନ୍ତା, ତେବେ କିଛି ଅସୁବିଧା ନଥିଲା । କିନ୍ତୁ ଏବେ ତୁମେ ଦେଖୁଅଛ ଯେ ଡ଼ାହାଣ ଓ ବାମ ଚାରିପଟେ ଇସ୍‌ଲାମ୍‌କୁ ତଳିତଳାନ୍ତ କରିଦେବା ର ଚିନ୍ତାରେ ଜାତିମାନେ ଲାଗିପଡ଼ିଛନ୍ତି । ମୋର ମନେ ଅଛି ଏବଂ ବରାହିନେ ଅହେମଦିୟାରେ ମଧ୍ୟ ମୁଁ ବର୍ଣ୍ଣନା କରିଛି ଯେ ଇସ୍‌ଲାମ୍ ବିରୁଦ୍ଧରେ ଛଅ କୋଟି ପୁସ୍ତକ ରଚନା କରାଯାଇ ଛପା ସରିଛି । ଆଶ୍ଚର୍ଯ୍ୟର କଥା ଏହା କି ହିନ୍ଦୁସ୍ତାନରେ ବସବାସ କରୁଥିବା ମୁସଲ୍‌ମାନ ମାନଙ୍କ ସଂଖ୍ୟା ମଧ୍ୟ ଛଅ କୋଟି ଓ ଇସ୍‌ଲାମ୍ ବିରୁଦ୍ଧରେ ରଚନା କରାଯାଇଥିବା ପୁସ୍ତକର ସଂଖ୍ୟା ମଧ୍ୟ ସେତିକି । ଯଦି ତା'ପରଠାରୁ ରଚନା କରାଯାଇଥିବା ପୁସ୍ତକ ଗୁଡ଼ିକୁ ବାଦ ଦିଆଯାଏ, ତେବେ ମଧ୍ୟ ଆମ ବିରୋଧିମାନେ ପ୍ରତ୍ୟେକ ମୁସଲମାନମାନଙ୍କ ହାତରେ ଗୋଟିଏ ଗୋଟିଏ ପୁସ୍ତକ ଦେଇସାରିଛନ୍ତି । ଯଦି ଅଲ୍ଲାଃ ତାଲାଙ୍କ ସ୍ୱାଭିମାନ ନଥାନ୍ତା ଏବଂ **ଇନ୍ନା ଲହୁ ଲହାଫିଜୁନ୍** (ଅଲ୍‌ହଜ୍‌ଲ:୧୦)ର ପ୍ରତିଶୃତି ସତ୍ୟ ନ ହୋଇଥାନ୍ତା ତେବେ ନିଶ୍ଚିତ ଜାଣି ରଖ ଯେ ଇସ୍‌ଲାମ୍ ଆଜି ସଂସାରରୁ ଉଠିଯାଇଥାନ୍ତା ଓ ତା'ର ଚିହ୍ନ ବର୍ଣ୍ଣ ହଜି ଯାଇଥାନ୍ତା । କିନ୍ତୁ ନୁହେଁ, ଏପରି ହୋଇପାରିବ ନାହିଁ । ଈଶ୍ୱରଙ୍କ ଲୁକ୍କାୟିତ ହସ୍ତ ତା'ର ସୁରକ୍ଷା କରୁଅଛି । ମତେ ଏ କଥାର ବଡ଼ ଦୁଃଖ ଲାଗୁଛି ଯେ ଲୋକମାନେ ମୁସଲମାନ ହୋଲାଇବା ସତ୍ୱେ ମଧ୍ୟ ବନ୍ଧୁବାନ୍ଧବ ସମ ମଧ୍ୟ ଇସ୍‌ଲାମ୍ ପ୍ରତି ଚିନ୍ତା କରୁନାହାନ୍ତି । ମତେ ଅଧିକାଂଶ ସମୟ ପଢ଼ିବାକୁ ମିଳୁଛି ଯେ ଇସାଇ (ଖ୍ରୀଷ୍ଟିୟାନ) ମହିଳାମାନେ ମଧ୍ୟ ମରିବା ସମୟରେ ଲକ୍ଷ ଲକ୍ଷ ଟଙ୍କା ଖ୍ରୀଷ୍ଟଧର୍ମର ଉନ୍ନତି ଓ ପ୍ରଚାର ପ୍ରସାର ନିମନ୍ତେ ୱ୍ସିୟତ୍ (ଇଚ୍ଛାପତ୍ର) ଲେଖି ମରୁଛନ୍ତି ଏବଂ ସେମାନେ ନିଜ ଜୀବନକୁ ଖ୍ରୀଷ୍ଟଧର୍ମର ପ୍ରଚାର ପ୍ରସାର ନିମନ୍ତେ ବିନିଯୋଗ କରିବା ଆମେ ପ୍ରତ୍ୟେକ ଦିନ ଦେଖୁଅଛେ । ହଜାର ହଜାର ଲେଡ଼ି ମିଶ୍‌ନାରୀ ଘର ଘର ଗଳିକନ୍ଦିରେ ଘୂରି ବୁଲୁଛନ୍ତି ଓ ଜେନତେନ ପ୍ରକାରେଣ ନଗତ ଇମନକୁ ଛଡ଼ାଇ ନେଇ ଯାଉଛନ୍ତି । ମୁସଲମାନମାନଙ୍କ ମଧ୍ୟରୁ ଜଣେ କାହାକୁ ଏପରି ଦେଖିନାହିଁ ଯେ ସେ ପଚାଶ ଟଙ୍କା ମଧ୍ୟ ଇସଲାମର ପ୍ରଚାର ପ୍ରସାର ନିମନ୍ତେ ୱ୍ସିୟତ କରି ମରିଥିବ । ହଁ ବାହାଘର ଓ ସାଂସାରିକ ପ୍ରଥା ନିମନ୍ତେ ବହୁଳ ଖର୍ଚ୍ଚ କରାଯାଇଥାଏ, କରଜ ନେଇ ମଧ୍ୟ ମନ ଖୋଲି ଅନାବଶ୍ୟକ ଖର୍ଚ୍ଚ କରାଯାଇଥାଏ । ଯଦି ଖର୍ଚ୍ଚ କରିବା ପାଇଁ ଅର୍ଥ ନାହିଁ ତେବେ ତାହା ଇସ୍‌ଲାମ୍ ପାଇଁ ନାହିଁ । ଦୁଃଖ ! ଦୁଃଖ ! ! ଏହାଠାରୁ ବଳି ଇସ୍‌ଲାମ୍‌ର ଦୟନୀୟ ଅବସ୍ଥା କ'ଣ ହୋଇପାରେ ?

### ଗୋଟିଏ ପୂଣ୍ୟରୁ ଆଉ ଗୋଟିଏ ପୂଣ୍ୟ ଜନ୍ମ ହୋଇଥାଏ

ଅସଲ କଥା ହେଉଛି ଏହା କି କୁକର୍ମର ଫଳ କୁକର୍ମ ହୋଇଥାଏ । ଇସ୍‌ଲାମ ସକାଶେ ଖୁଦାତାଲାଙ୍କ ଧାର୍ଯ୍ୟ ନିୟମ ହେଉଛି ଏହା କି ଗୋଟିଏ ପୂଣ୍ୟରୁ ଆଉ ଗୋଟିଏ ପୂଣ୍ୟ ଜନ୍ମ ନେଇଥାଏ । ମୋର ମନେ ପଡୁଛି ଯେ ମୁଁ ତଜ୍‌କରତୁଲ୍ ଅଓଲିୟା (ପୁସ୍ତକ)ରେ ପଢ଼ିଥିଲି ଯେ ଜଣେ ନବେ ବର୍ଷର ଅଗ୍ନିପୂଜକ ବୃଦ୍ଧ ଥିଲେ, ଅଚାନକ ଝଡ଼ିବର୍ଷା ହେବା ଯୋଗୁଁ ସେ ସେହି ଝଡ଼ିବର୍ଷାରେ କୋଠା ଉପରେ ଚଢ଼ି ଚଢ଼େଇମାନଙ୍କ ପାଇଁ ଦାନା ବୁଣି ଦେଉଥିଲେ । ଜଣେ ବୟୋଜ୍ୟୋଷ୍ଠ ଧର୍ମପରାୟଣ ବ୍ୟକ୍ତି ତା ନିକଟରେ ଯାଇ କହିଲେ ହେ ବୃଦ୍ଧ ତୁମେ ଏ କଣ କରୁଅଛ ? ସେ କହିଲା ଭାଇ ଛଅ ସାତ ଦିନ ହେବ ଲଗାଣ ବର୍ଷା ଚାଲିଛି ତେଣୁ ପକ୍ଷୀମାନଙ୍କୁ ଖାଦ୍ୟ ଦେଉଛି । ସେ କହିଲେ ତୁମେ ବେକାରକୁ ଏପରି କାର୍ଯ୍ୟ କରୁଛ । ତୁମେ କାଫିର୍ (ଅମାନ୍ୟକାରୀ) ଅଟ ତେଣୁ ତୁମକୁ ଫଳ କେଉଁଠି ମିଳିବ ? ଏଥିରେ ବୃଦ୍ଧ ଜଣକ କହିଲେ ମତେ ଏହାର ଫଳ ନିଶ୍ଚିତ ମିଳିବ । ସେହି ବୟୋଜ୍ୟେଷ୍ଠ ଧର୍ମପରାୟଣ ବ୍ୟକ୍ତି ଜଣକ କହୁଛନ୍ତି ଯେ ମୁଁ ଯେବେ ହଜ୍ କରିବା ପାଇଁ ଗଲି ସେତେବେଳେ ଦୂରରୁ ଏହା ଦେଖିବାକୁ ପାଇଲି ଯେ ସେହି ବୃଦ୍ଧ ବ୍ୟକ୍ତି ଜଣକ ତଓ୍ୱାଫ୍ ( କାବାର ପରିକ୍ରମା) କରୁଅଛି । ତାଙ୍କୁ ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି ଓ ଯେବେ ମୁଁ ଆଗକୁ ବଢ଼ିଲି ସେତେବେଳେ ସେ କହିଲା ଯେ କ'ଣ ମୋର (ପକ୍ଷୀମାନଙ୍କୁ) ଖାଦ୍ୟ ଦେବା ବେକାର ହେଲା ଅଥବା ତା'ର ଫଳ ମିଳିଲା ?

### (ପୂଣ୍ୟର ପ୍ରତିଦାନ ବେକାର ଯାଏ ନାହିଁ)

ଏବେ ଚିନ୍ତା କରିବା ଉଚିତ ଯେ ଅଲ୍ଲାଃ ତାଲା ଜଣେ କାଫିର୍ (ଅମାନ୍ୟକାରୀ)ର ପୂଣ୍ୟର ପ୍ରତିବଦଳ ମଧ୍ୟ ନଷ୍ଟ କଲେ ନାହିଁ ତେବେ କ'ଣ ମୁସଲମାନଙ୍କ ପୂଣ୍ୟର ପ୍ରତିଦାନକୁ ନଷ୍ଟ କରିଦେବେ ? ମତେ ଜଣେ ସାହାବୀଙ୍କ କଥା ମନେ ପଡୁଛି ଯେ ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ ମୁଁ ଅମାନ୍ୟକାରୀ ଥିବା ସମୟରେ ବହୁତ ପୂଣ୍ୟ କାର୍ଯ୍ୟ କରିଛି ତେବେ କ'ଣ ସେ ସବୁର ପ୍ରତିବଦଳ ମତେ ମିଳିବ । ଆପଣ (ସ:ଆ) କହିଲେ ଯେ ସେହି ପୂଣ୍ୟ କର୍ମ ଗୁଡ଼ିକ ତ ତୁମକୁ ଇସ୍‌ଲାମ ଗ୍ରହଣ କରିବାର କାରଣ ହେଲେ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୬୧ ରୁ ୬୩ ମୁଦ୍ରଣ ୨୦୧୮ କାଦିୟାନ୍)*


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍


ଅବଶିଷ୍ଟ

ପୃଷ୍ଠା- ୧୧ର ଅବଶିଷ୍ଟାଂଶ ......

ସବୁଠାରୁ ଅଧିକା ଆକ୍ଟିଭ ହେବାକୁ ପଡ଼ିବ ।

ଜଣେ ରିଜିୟନାଲ୍ ନାଜିମେ ଆଲାଙ୍କଠାରୁ ହଜୁର ଅନଓ୍ୱର ଅ:ବ:ଅ ପଚାରି ବୁଝିଲେ ଯେ, କ'ଣ ତାଙ୍କ ରିଜିୟନ୍‌ର ଅନ୍‌ସାରମାନେ ବାଯମାତ୍ ନାମଜ୍ ପାଠ କରୁଛନ୍ତି କି ? ଏଥିରେ ସେହି ନାଜିମେ ଆଲା ସାହେବ କହିଲେ ଯେ, ସମସ୍ତ ଅନ୍‌ସାର ପଢ଼ୁ ନାହାନ୍ତି । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଟମାଲ୍‌ଠାରେ ଗୋଟିଏ ଛୋଟିଏ ମସ୍‌ଜିଦ୍ ଥିଲା, ତାହା ନମାଜିମାନଙ୍କ ଦ୍ୱାରା ପରିପୂର୍ଣ୍ଣ ରହୁଥିଲା ତେଣୁ ଅନ୍‌ସାରମାନଙ୍କୁ ବାରମ୍ବାର ଧ୍ୟାନ ଆକର୍ଷଣ କରାଇ ଚାଲନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ବାଯମାତ୍ ନାମଜ୍ ପାଠ କରିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ । ପ୍ରତ୍ୟେକ ବ୍ୟକ୍ତି ପାଂଚ ବେଳା ନମାଜ୍ ପଢ଼ିବା ଉଚିତ ଓ ସେଥିମଧ୍ୟରୁ ଅତିକମ୍‌ରେ ତିନିବେଳା ନାମଜ୍ ଅର୍ଥାତ୍ ଫଜର, ମଗରିବ୍ ଏବଂ ଇଶା ନାମଜ୍‌କୁ ବାଯମାତ୍ ପଢ଼ନ୍ତୁ ଏହାଦ୍ୱାରା ଆପଣମାନଙ୍କର ସଂଖ୍ୟା ବଢ଼ିଯିବ । ଏହା ହେଉଛି ଆପଣମାନଙ୍କର ଡ୍ୟୁଟି ଏହା ଉପରେ ଫୋକସ୍ କରନ୍ତୁ ଓ ଏହା ଉପରେ କାର୍ଯ୍ୟ କରନ୍ତୁ । ମଜ୍‌ଲିସ୍ ଆମେଲାଙ୍କ ସହିତ ଏହି ମିଟିଙ୍ଗ ୭:୨୦ ମିନିଟ୍‌ରେ ଶେଷ ହେଲା ।

ଏହାପରେ ଆମେଲାର ସମସ୍ତ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

### ଓ୍ୱାକିଫାତେ ନୌଙ୍କ ସହିତ କ୍ଲାସ୍

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ଭିତରେ ଥିବା ପୁରୁଷମାନଙ୍କ ହଲ୍ ଭିତରେ ପର୍ଦାପଣ କଲେ ଯେଉଁଠି ପ୍ରୋଗ୍ରାମ ମୁତାବକ ଓ୍ୱାକିଫାତେ ନୌଙ୍କ ସହିତ କ୍ଲାସ ଅନୁଷ୍ଠିତ ହେଲା । ପ୍ରୋଗ୍ରାମର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ଦ୍ୱାରା ହେଲା ଏହାକୁ ଅଜିଯା ଆବିୟା ଶାକିର୍ ଓ୍ୱର୍କ ଆବୃତି କଲେ ଓ ତାହାର ଉର୍ଦ୍ଦୁ ଅନୁବାଦ ଅଜିଯା ସୟଦାଃ ମେହ୍‌ରୁନ୍ ନିସା ସବାହତ୍ ଉପସ୍ଥାପନ କଲେ ଯେବେ କି ତାହାର ଇଂରାଜୀ ଅନୁବାଦ ଅଜିଯା ମହିରାଃ ନାସିର୍ ମୋହର୍ ଉପସ୍ଥାପନ କଲେ ।

ଏହାପରେ ଅଜିଯା ଫାଇକା ମାହିମ୍ ସୟଦା ଆଁ ହଜରତ ସ:ଆ:ସଙ୍କ ନିମ୍ନଲିଖିତ ହଦିସ୍‌ଟିକୁ ଉପସ୍ଥାପନ କଲେ । ଆଁ ହଜରତ ସ:ଆ:ସ କହିଲେ ''ଉତମ ଯୁଗ ପରେ ଏପରି ଏକ ସମୟ ଆସିବ ସେତେବେଳେ ଯୁଦ୍ଧ ଓ ପଥଭ୍ରଷ୍ଟତାକୁ ବହୁ ମାତ୍ରାରେ ପ୍ରୋତ୍ସାହନ ମିଳିବ ଏପରି ସମୟରେ ଯଦି ତୁମେ ଈଶ୍ୱରଙ୍କର କୌଣସି ଖଲିଫାଙ୍କୁ ପାଇବ ତେବେ ତା' ସହିତ ଯୋଡ଼ି ହୋଇଯିବ ଓ ତାଙ୍କୁ ଛାଡ଼ିବା ଉଚିତ ନୁହେଁ ଯଦିଚ ତୁମର ଶରୀରକୁ ଖଣ୍ଡବିଖଣ୍ଡିତ କରିଦିଆଯାଏ ଓ ତୁମର ସମସ୍ତ ଧନ ସମ୍ପତିକୁ ଛଡ଼ାଇ ନିଆଯାଏ'' *(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ମସନଦୁଲ୍ ଅନ୍‌ସାର ହଦିସ ହୁଜେଫା)* ଏହାପରେ ଅଜିଯା ମଲାହତ୍ ମେହମୁଦ୍ ଉକ୍ତ ହଦିସ୍‌ର ଇଂରାଜୀ ଅନୁବାଦ ଉପସ୍ଥାପନ କଲେ ।

ଏହାପରେ ଅଜିଯା ଆଇଶା ଫାତିମା ଗୋନ୍ଦଲ୍ ହଜରତ ମସିହ ମଉଦ ଆ:ସ ଙ୍କ ନିମ୍ନଲିଖିତ ଇକ୍‌ତେବାସ୍ (ଆଲେଖ୍ୟ) ଉପସ୍ଥାପନ କଲେ । ହଜରତ ମସିହ ମଉଦ ଆ:ସ କହୁଛନ୍ତି ''ସୁତରାଂ ମୁଁ କେବଳ ଈଶ୍ୱରଙ୍କ କୃପାରୁ ଉକ୍ତ ବୈଭବରୁ ସଂପୂର୍ଣ୍ଣ ଭାଗ ପାଇଛି ନା ନିଜର କୌଣସି ଗୁଣ ଯୋଗୁଁ, ଯାହା ସବୁ ମୋ ପୂର୍ବରୁ ଆସିଥିବା ନବି ଓ ରସୁଲ୍ ଏବଂ ଖୁଦାଙ୍କ ପ୍ରିୟ ଲୋକମାନଙ୍କୁ ପ୍ରଦାନ କରାଯାଇଥିଲା ଓ ମୋ ପାଇଁ ଏହି ବୈଭବକୁ ପାଇବା ସମ୍ଭବ ନଥିଲା । ଯଦି ମୁଁ ଆମ ସୟଦ ଓ୍ୱ ମୌଲା ଫଖ୍‌ରୁଲ୍ ଅମ୍ବିୟା ଏବଂ ଖୈରୁଲ୍ ଓ୍ୱରା ହଜରତ ମୁହମ୍ମଦ ମୁସ୍ତଫା ସ:ଆଙ୍କ ମାର୍ଗର ଅନୁସରଣ ନ କରିଥାନ୍ତି । ସୁତରାଂ ମୁଁ ଯାହା କିଛି ପାଇଛି ତାହାଙ୍କ ଅନୁସରଣ ଦ୍ୱାରା ପାଇଛି । ମୁଁ ନିଜର ସଚ୍ଚା ଏବଂ ପୂର୍ଣ୍ଣ ଜ୍ଞାନ ଦ୍ୱାରା ଏକଥା ଜାଣିଛି ଯେ, କୌଣସି ବ୍ୟକ୍ତି ଉକ୍ତ ନବି ସ:ଆ:ସଙ୍କ ବିନା ଅନୁସରଣରେ ଈଶ୍ୱରଙ୍କ ପର୍ଯ୍ୟନ୍ତ ପଂହଚି ପାରିବ ନାହିଁ ଏବଂ ନା ସେ ପୂର୍ଣ୍ଣ ଜ୍ଞାନରୁ ଭାଗ ପାଇପାରିବ'' *(ହକିକତୁଲ୍ ଓ୍ୱହି, ରୁହାନି ଖଜାଏନ୍ ଖଣ୍ଡ-୨୨, ପୃ- ୬୪,୬୫)*

ଏହାପରେ ଉକ୍ତ ଇକ୍‌ତେବାସ୍‌ର ଇଂରାଜୀ ଅନୁବାଦ ଅଜିଯା କୁରରତୁଲ୍ ଅଏନ୍ ଉବୈଦୁଲ୍ଲାଃ ଉପସ୍ଥାପନ କଲେ ତା'ପରେ ଅଜିଯା ଶିମାଇଲା ଅହେମଦ୍ ଉର୍ଦ୍ଦୁ ନଜମ୍ ପାଠ କଲେ ଓ ତାହାର ଇଂରାଜୀ ଅନୁବାଦ ଅଜିଯା ଉରୁସା ମଲକ୍ ଉପସ୍ଥାପନ କଲେ ।

⋇⋇⋇⋇⋇⋇⋇⋇⋇⋇⋇⋇

ପୃଷ୍ଠା- ୦୬ ର ଅବଶିଷ୍ଟାଂଶ ......

ମସିହ୍ ମଉଦ୍ ଆ:ସଙ୍କୁ ମାନିବା ପାଇଁ ସେ ଶକ୍ତି ପ୍ରଦାନ କଲେ । ଏହି ସୌଭାଗ୍ୟଶାଳୀର ପ୍ରମାଣ ଦେବାପାଇଁ ଆପଣମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନିଛନ୍ତି । ଏହା ହେଉଛି ପ୍ରଥମ ପଦକ୍ଷେପ, ଶେଷ ନୁହେଁ । ଏହାର ଶେଷକୁ ହାସଲ କରିବା ପାଇଁ ସେହି ଶିକ୍ଷା ଉପରେ ପରିଚାଳିତ ହେବା ଜରୁରୀ ଅଟେ ଯାହା ଆପଣଙ୍କୁ ଦିଆଯାଇଛି । ସାଂସାରିକ କାରବାର ଓ କାମକାର୍ଯ୍ୟକୁ ମଧ୍ୟ ଏପରି ଚିନ୍ତାଧାରାର ସହିତ ଆମକୁ କରିବାକୁ ପଡିବ ଯେ ଯେପରି ଅଲ୍ଲାଃତାଲାଙ୍କ ଶିକ୍ଷାକୁ ଆମେ କେବେ ନ ଭୁଲିବା । ଅଲ୍ଲାଃତାଲା ସାଂସାରିକ କାର୍ଯ୍ୟକଳାପ କରିବାକୁ ମନା କରୁନାହାଁନ୍ତି ବରଂ ଏହା ଜରୁରୀ ଅଟେ ବରଂ ଅଲ୍ଲାଃତାଲା ଏକଥାରୁ ରୋକୁଛନ୍ତି ଯେ ମନୁଷ୍ୟ ସନ୍ନ୍ୟାସୀ ହୋଇଯାଉ, ସଂସାରରୁ କଟିଯାଉ ଅର୍ଥାତ୍ ଏପରି ଜୀବନ ବିତାଉ ଯାହା ସଂସାରରୁ ଅଲଗା ଥିବ । ଏ ସଂସାରରେ ରହିବା ପାଇଁ ଅଲ୍ଲାଃତାଲା ନିର୍ଦ୍ଦେଶ ଦେଇଛନ୍ତି ଓ ଅଲ୍ଲାଃତାଲା ଏକଥାରୁ ରୋକୁଛନ୍ତି ଯେ ଏ ସଂସାରକୁ ମନୁଷ୍ୟକୁ ଧର୍ମ ଉପରେ ପ୍ରାଧାନ୍ୟ ଦେଉ । ପ୍ରତି କ୍ଷେତ୍ରରେ ଧର୍ମକୁ ଅଗ୍ରାଧିକାର ଦେବା ଉଚିତ୍ । ପ୍ରତ୍ୟେକ ଅହେମଦୀ ଏକଥାକୁ ସର୍ବଦା ମନେରଖିବା ଉଚିତ୍ ଯେ ପ୍ରତ୍ୟେକ ଅହେମଦୀଙ୍କ ଚେହେରା ପଛପଟେ ଅହେମଦୀୟତ୍‌ର ଚେହେରା ରହିଛି, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଚେହେରା ରହିଛି ଏବଂ ଇସ୍‌ଲାମ୍‌ର ଚେହେରା ରହିଛି । ସୁତରାଂ ପ୍ରତ୍ୟେକ ଅହେମଦୀର ଏ ଦାୟିତ୍ୱ ଯେ ଉକ୍ତ ଚେହେରା ଗୁଡ଼ିକର ସେ ସୁରକ୍ଷା କରୁ ଓ ଯେଉଁମାନଙ୍କୁ ଅଲ୍ଲାଃତାଲା ଖିଦ୍‌ମତେ ଦୀନ୍ (ଅର୍ଥାତ୍ ଧର୍ମ ସେବା କରିବା)ର ସୌଭାଗ୍ୟ ପ୍ରଦାନ କରିଛନ୍ତି ଓ ଅବସର ପ୍ରଦାନ କରିଛନ୍ତି, ସେମାନଙ୍କର ବହୁତ ବଡ ଦାୟିତ୍ୱ ଯେ ଉକ୍ତ ଦାୟିତ୍ୱକୁ ନିର୍ବାହ କରନ୍ତୁ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଉକ୍ତ ଉପଦେଶକୁ ସର୍ବଦା ସମ୍ମୁଖରେ ରଖନ୍ତୁ ଯେ ଆମ ବୟତ୍‌ର ଦାବୀ କରି ପୁଣି ଆମୁକ ବଦ୍‌ନାମ ନ କରନ୍ତୁ ।

(ମଲ୍‌ଫୁଜାତ୍, ଖଣ୍ଡ-୧୦, ପୃଷ୍ଠା-୧୩୭)

ସୁତରାଂ ଏହି ଉପଦେଶକୁ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ । ଏଥିରୁ କେହି ଏକଥା ନଭାବନ୍ତୁ ଯେ ଏହା କେବଳ ଓ୍ୱହ୍‌ଦାଦାର୍‌ମାନଙ୍କ ପାଇଁ କୁହାଯାଇଛି ଓ ବାକିମାନେ ଏଥିରୁ ମୁକ୍ତ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବୟତ୍ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକଥା କହିଛନ୍ତି, ସେଥିପାଇଁ ଆମେ ଆମ କଥନ ଓ କାର୍ଯ୍ୟରେ କଦାପି ଅସମାନତା ରଖିବା ଉଚିତ୍ ନୁହେଁ ନଚେତ୍ ଆମ ବୟତ୍‌ର ଦାବି ଫମ୍ପା ଦାବୀ ହେବ ଓ ଏହି ଜଲ୍‌ସାରେ ସାମିଲ୍ ହେବା କେବଳ ସାଂସାରିକ ଦୃଷ୍ଟିକୋଣରୁ ହେବ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଗୋଟିଏ ଦୁଆ (ପ୍ରାର୍ଥନା) ବର୍ତମାନ ମୁଁ ଉପସ୍ଥାପନ କରୁଅଛି, ଯେଉଁଥିରୁ ଆପଣ ଆ:ସଙ୍କ ଦରଦ ପରିପ୍ରକାଶ ହେଉଅଛି ଯାହା ଆପଣ ଆ:ସଙ୍କ ହୃଦୟରେ ନିଜ ଅନୁଗାମୀ ମାନଙ୍କ ନିମନ୍ତେ ରହିଛି । ଆପଣ ଆ:ସ କହୁଛନ୍ତି:-

ମୁଁ ଦୁଆ କରୁଛି ଓ ଯେପର୍ଯ୍ୟନ୍ତ ମୋ ଜୀବନର ନିଃଶ୍ୱାସ ଚାଲିଥିବ କରିଚାଲିବି ଓ ସେହି ଦୁଆ ହେଉଛି ଏହା କି ଖୁଦାତାଲା ମୋ ଏହି ଜମାତ୍‌ର ହୃଦୟଗୁଡ଼ିକୁ ପବିତ୍ର କରନ୍ତୁ ଓ ନିଜର କରୁଣାର ହାତକୁ ଲମ୍ବା କରି ସେମାନଙ୍କ ହୃଦୟକୁ ନିଜ ଆଡକୁ ଫେରାଇ ନେଉ ଓ ସବୁ ପ୍ରକାରର ଦୁଷ୍ଟତା ଓ ବିଦ୍ୱେଷଭାବ ସେମାନଙ୍କ ହୃଦୟରୁ ବାହାର କରିଦେଉ ଓ ଆପୋଷରେ ସଚ୍ଚା ପ୍ରେମଭାବ ପ୍ରଦାନ କରୁ ଏବଂ ମୁଁ ଏ ବିଶ୍ୱାସ ରଖିଛି ଯେ ଏହି ଦୁଆ କେତେବେଳେ ନିଶ୍ଚିତ ରୂପେ ଗ୍ରହଣ ହେବ ଓ ଖୁଦା ମୋର ଏହି ପ୍ରାର୍ଥନାକୁ ନଷ୍ଟ କରିବେ ନାହିଁ ।"

ଅଲ୍ଲାଃତାଲାଙ୍କ ନିକଟରେ ଆମେ ଏ ପ୍ରାର୍ଥନା କରିବା ଉଚିତ୍ ଯେ ଏହି ଦୁଆ ଆମ ସପକ୍ଷରେ ପୂରଣ ହେଉ । ଆମ ଆସନ୍ତା ପିଢ଼ୀମାନଙ୍କ ସପକ୍ଷରେ ପୂରଣ ହେଉ ଏବଂ କୟାମତ୍ ପର୍ଯ୍ୟନ୍ତ ଆମର ସନ୍ତାନମାନେ ମଧ୍ୟ ଉକ୍ତ ଦୁଆରୁ ଲାଭ ଉଠାଇଚାଲନ୍ତୁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦୁଆ ଗ୍ରହଣୀୟ ହେବାପାଇଁ ଆମକୁ କାର୍ଯ୍ୟନମୁନା ପ୍ରଦର୍ଶନ କରି ଚେଷ୍ଟା କରିବାକୁ ହେବ ଓ ନିଜର ଅବସ୍ଥାକୁ ମଧ୍ୟ ଚେଷ୍ଟା କରି ପରିବର୍ତନ କରାଇବାକୁ ହେବ ଓ ଦରଦ ହୃଦୟତାର ସହିତ ଦୁଆ ମଧ୍ୟ କରିବାକୁ ହେବ । ଅଲ୍ଲାଃତାଲା ଆମକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ଏହି ଦୁଆର ଆଗ ଭାଗରେ ଆପଣ ଆ:ସ ଏହା ମଧ୍ୟ ପ୍ରାର୍ଥନା କରିଛନ୍ତି । ଆପଣ ଆ:ସ କହୁଛନ୍ତି ଯେ "ହଁ ମୁଁ ଏହା ମଧ୍ୟ ପ୍ରାର୍ଥନା କରୁଛି ଯେ ଯଦି କୌଣସି ବ୍ୟକ୍ତି ମୋ ଜମାତ୍‌ର ଖୁଦାତାଲାଙ୍କ ଜ୍ଞାତସାରରେ ଅଭାଗା ଅର୍ଥାତ୍ ଯାହାର ଏ ଭାଗ୍ୟ ନାହିଁ ଯେ ସେ ସଚ୍ଚା ପବିତ୍ରତା ହାସଲ କରିବ ତେବେ ତାକୁ ହେ ଶକ୍ତିଶାଳୀ ଈଶ୍ୱର ! ମୋ ଠାରୁ ମଧ୍ୟ ଦୂରେଇ ରଖ । ଯେପରି ସେ ତୁମଠାରୁ ଦୂରେଇ ରହିଛି ଓ ତା ସ୍ଥାନରେ ଆଉ କୌଣସି ବ୍ୟକ୍ତିଙ୍କୁ ନେଇ ଆସ ଯାହାର ହୃଦୟ ନମ୍ର ହୋଇଥିବ ଓ ଯାହାର ଜୀବନ ତୁମକୁ ଚାହୁଁଥିବ ।"

ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...

### ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୯ ମସିହା ଡିସେମ୍ବର ତା-୨୭,୨୮,୨୯ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡ଼ିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବରକତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡ଼ିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । ଜଜାକମୁଲ୍ଲାଃ **(ନାଜର ଇସ୍‌ଲାହ ଓ୍ୱ ଇରଶାଦ୍ ମର୍କଜିଆ କାଦିଆନ୍)**

# : ଖୁତ୍‌ବା ଜୁମା :

**ଏହି ତିନି ଦିନରେ ବିଶେଷ ରୂପେ ସାଂସାରିକ ମାୟା ମୋହର ପ୍ରେମକୁ ସଂପୂର୍ଣ୍ଣରୂପେ ଥଣ୍ଡା କରିବାକୁ ହେବ**

**ହଜରତ ମସିହ ମଉଦ ଆ:ସ କହୁଛନ୍ତି ଯେ, ମୋ ଯମାତ୍‌ରେ ଗଣା ହେବା ପାଇଁ, ଅଲ୍ଲାଃ ତାଲାଙ୍କ ପ୍ରେମକୁ ହାସଲ କରିବା ପାଇଁ, ତାର କୃପାର ଅଧିକାରୀ ହେବା ପାଇଁ ଏବଂ ଅଲ୍ଲାଃ ତାଲାଙ୍କ ଦୟା ଓ ଅନୁଗ୍ରହକୁ ହାସଲ କରିବାପାଇଁ ପ୍ରତ୍ୟେକ କ୍ଷେତ୍ରରୁ ଓ ପ୍ରତ୍ୟେକ ପାର୍ଶ୍ୱରୁ ନିଜର କାର୍ଯ୍ୟ ନମୁନାକୁ ସଠିକ୍ କରିବା ପାଇଁ ଆବଶ୍ୟକ ରହିଛି ଓ ଏହି ଜଲ୍‌ସା ଅନୁଷ୍ଠିତ ଏଥିପାଇଁ କରାଯାଇଛି ଯେ, ପୂଣ୍ୟ କାର୍ଯ୍ୟ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଯାଉ**

**ଅଲ୍ଲାଃ ତାଲାଙ୍କ କୃପା ଓ ପୁରସ୍କାର ଗୁଡ଼ିକ ମଧ୍ୟରୁ, ଯାହା ଆମକୁ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ବୟତ୍ କରିବା ଦ୍ୱାରା ଲାଭ ହୋଇଛି, ସେଥିମଧ୍ୟରୁ ଗୋଟିଏ ବଡ଼ ପୁରସ୍କାର ଆମକୁ ଜଲ୍‌ସା ସାଲାନା ରୂପରେ ପ୍ରାପ୍ତ ହୋଇଛି ଯଦ୍ୱାରା ଆମେ ଆମର ଆଧ୍ୟାତ୍ମିକ, ଚାରିତ୍ରୀକ ଓ ବୈଦ୍ଧିକ ଉନ୍ନତି ପାଇଁ ଚେଷ୍ଟା କରିପାରିବା । ଅଲ୍ଲାଃ ତାଲାଙ୍କ ସାନିଧ୍ୟ ହାସଲ କରିବା ପାଇଁ ଓ ଧର୍ମନିଷ୍ଠତାର ମାର୍ଗରେ ଆଗକୁ ବଢ଼ିବାର ବ୍ୟବସ୍ଥା କରିପାରିବା । ଜଣେ ଅନ୍ୟଜଣଙ୍କ ଅଧିକାରକୁ ପ୍ରଦନା କରିବାକୁ ହେଲେ ନିଜ ମନକୁ ସଫା କରନ୍ତୁ ଓ ହଜରତ ମସିହ ମଉଦ ଆ:ସଙ୍କ ଜଲ୍‌ସାର ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଚେଷ୍ଟା କରନ୍ତୁ । ଆପୋଷ ମନୋମାଳିନ୍ୟତା ଓ ଦୂରତାକୁ ସୁଲାହ୍ ଓ ନିକଟତମରେ ବଦଳାଇବା ପାଇଁ ଚେଷ୍ଟା କରନ୍ତୁ । ନିଜକୁ ନିରର୍ଥକାରୀ କାର୍ଯ୍ୟରୁ ପବିତ୍ର କରିବାପାଇଁ ଚେଷ୍ଟା କରନ୍ତୁ । ହଜରତ ମସିହ ମଉଦ ଆ:ସ ଏହି ସମସ୍ତ କଥାକୁ ଜଲ୍‌ସା ଅନୁଷ୍ଠିତ କରିବାର ଉଦ୍ଦେଶ୍ୟରେ ବର୍ଣ୍ଣନା କରିଛନ୍ତି ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୦୫ ଜୁଲାଇ ୨୦୧୯ ଅନୁଯାୟୀ ୦୫ ୱଫା ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଖୁତ୍‌ବା ଯୁମାର ପ୍ରାରମ୍ଭରେ ହଜୁର ଅନୱର ଅ:ବ:ଅ ଜଲ୍‌ସାର ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିଲେ: ଶେଷ ପର୍ଯ୍ୟନ୍ତ ଠିକ୍‌ରେ ଶୁଣାଯାଉଛି ତ? ଆପଣମାନଙ୍କର ବ୍ୟବସ୍ଥା, ଚେକ୍ କରିଛନ୍ତି କି ?

ଏହାପରେ ହଜୁର ଅନୱର ଅ:ବ:ଅ ବକ୍ତବ୍ୟ ପ୍ରଦାନ କଲେ: ଅଲ୍ଲାଃ ତାଲାଙ୍କ କୃପା ଓ ପୁରସ୍କାର ଗୁଡ଼ିକ ମଧ୍ୟରୁ, ଯାହା ଆମକୁ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ବୟତ୍ କରିବା ଦ୍ୱାରା ଲାଭ ହୋଇଛି, ସେଥିମଧ୍ୟରୁ ଗୋଟିଏ ବଡ଼ ପୁରସ୍କାର ଆମକୁ ଜଲ୍‌ସା ସାଲାନା ରୂପରେ ପ୍ରାପ୍ତ ହୋଇଛି ଯଦ୍ୱାରା ଆମେ ଆମର ଆଧ୍ୟାତ୍ମିକ, ଚାରିତ୍ରୀକ ଓ ବୈଦ୍ଧିକ ଉନ୍ନତି ପାଇଁ ଚେଷ୍ଟା କରିପାରିବା । ଅଲ୍ଲାଃ ତାଲାଙ୍କ ସାନିଧ୍ୟ ହାସଲ କରିବା ପାଇଁ ଓ ଧର୍ମନିଷ୍ଠତାର ମାର୍ଗରେ ଆଗକୁ ବଢ଼ିବାର ବ୍ୟବସ୍ଥା କରିପାରିବା । ଜଣେ ଅନ୍ୟଜଣଙ୍କ ଅଧିକାରକୁ ପ୍ରଦନା କରିବାକୁ ହେଲେ ନିଜ ମନକୁ ସଫା କରନ୍ତୁ ଓ ହଜରତ ମସିହ ମଉଦ ଆ:ସଙ୍କ ଜଲ୍‌ସାର ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଚେଷ୍ଟା କରନ୍ତୁ । ଆପୋଷ ମନୋମାଳିନ୍ୟତା ଓ ଦୂରତାକୁ ସୁଲାହ୍ ଓ ନିକଟତମରେ ବଦଳାଇବା ପାଇଁ ଚେଷ୍ଟା କରନ୍ତୁ । ନିଜକୁ ନିରର୍ଥକାରୀ କାର୍ଯ୍ୟରୁ ପବିତ୍ର କରିବାପାଇଁ ଚେଷ୍ଟା କରନ୍ତୁ । ହଜରତ ମସିହ ମଉଦ ଆ:ସ ଏହି ସମସ୍ତ କଥାକୁ ଜଲ୍‌ସା ଅନୁଷ୍ଠିତ କରିବାର ଉଦ୍ଦେଶ୍ୟରେ ବର୍ଣ୍ଣନା କରିଛନ୍ତି ।

ଅହେମଦୀମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ ଲୋକେ ବର୍ଷ ତମାମ ଜଲ୍‌ସା ସାଲାନାକୁ ଅପେକ୍ଷା କରି ରହିଥାନ୍ତି । କ୍ୟାଲେଣ୍ଡରର ବର୍ଷ ଆରମ୍ଭ ହେବା କ୍ଷଣି ଏହି ଅପେକ୍ଷା ଓ ଜଲ୍‌ସା ଅନୁଷ୍ଠିତ ହେବାର ଉତ୍ସାହ ବହୁତ ବଢ଼ିଯାଇଥାଏ । ଏଠାରେ ରହୁଥିବା ଲୋକେମାନେ ମଧ୍ୟ ଅପେକ୍ଷାରେ ଥାନ୍ତି, ଯେଉଁମାନେ ବହୁଦିନ ହେବ ଏଠାରେ ବସବାସ କରୁଛନ୍ତି । ବିଶେଷ ରୂପେ ପାକିସ୍ତାନରୁ ନୂଆକରି ଆସିଥିବା ଅହେମଦୀମାନେ ବହୁତ ଭୀଷଣ ରୂପେ ଅପେକ୍ଷା କର ରହିଥାନ୍ତି । ସେମାନେ ନିଜର ଅବସ୍ଥା ଅନୁସାରେ ଏଠାରେ ଶରଣ ମଧ୍ୟ ନେଇଛନ୍ତି । କାରଣ ସେମାନେ କାନୁନର ପ୍ରତିବନ୍ଧକ ଯୋଗୁଁ ସେଠାରେ ତ ଜଲ୍‌ସା ସାଲାନା ଆୟୋଜନ କରିପାରୁ ନାହାନ୍ତି ତେଣୁ ଗୋଟିଏ ଯୁଗ ହୋଇଗଲାଣି କିନ୍ତୁ ସେମାନେ ଜଲ୍‌ସା ସାଲାନା କଣ । ଏବେ ଏମାନଙ୍କର ସଂଖ୍ୟା ଶହ ଶହରୁ ହଜାର ହଜାର ହେଲାଣି ଓ ବଢ଼ି ଚାଲିଛି । ବହୁ ସଂଖ୍ୟକ ଲୋକେ ଏବେ ଜର୍ମାନୀ ଆସୁଛନ୍ତି । ଏ ବର୍ଷ ଆଫ୍ରିକାର କିଛି ଦେଶରୁ ଏ ଜଲ୍‌ସାରେ ଆସି ଯୋଗ ଦେଇଛନ୍ତି ସେମାନଙ୍କ ମଧ୍ୟରେ ସ୍ଥାନୀୟ ଲୋକେ ମଧ୍ୟ ସାମିଲ ଅଛନ୍ତି । ଜଲ୍‌ସାରେ ସାମିଲ୍ ହେବାର ଉତ୍ସାହ ଓ ଜଲ୍‌ସାର ଅପେକ୍ଷା ଏଥିପାଇଁ ହୋଇଥାଏ ଓ ହେବା ମଧ୍ୟ ଉଚିତ ଯେ ଜଲ୍‌ସା ଅନୁଷ୍ଠିତ ହେବାର ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ଚେଷ୍ଟା କରନ୍ତୁ । ଯିଏ ଏହି ଭାବନା ରଖିନାହିଁ ଓ ଏହି ନିୟତ୍ ରଖି ଜଲ୍‌ସାରେ ସାମିଲ ହେଉନାହିଁ, ତାର ଏହି ଜଲ୍‌ସା ନିମନ୍ତେ ଅପେକ୍ଷା କରିବା ନିରର୍ଥକ ଓ ବେକାର । ସେହିପରି ଜଲ୍‌ସାରେ ସାମିଲ ହେବା ମଧ୍ୟ ବେକାର୍ । ତେଣୁ ପ୍ରତ୍ୟେକ ବ୍ୟକ୍ତି ସେ ମହିଳା ହେଉ ବା ପୁରୁଷ ଏ କଥାକୁ ଦୃଷ୍ଟିରେ ରଖିବା ଉଚିତ ଯେ କଣ ସେ ଖୁଦାଙ୍କ ପ୍ରସନ୍ନତାକୁ ଲାଭ କରିବା ପାଇଁ ଚେଷ୍ଟା କରିଛି ବା ଏହି ନିୟତ ରଖି ଜଲ୍‌ସାରେ ସାମିଲ୍ ହେଉଛି ? ଧର୍ମ ପରାୟଣତାରେ ଉନ୍ନତି କରିବା ପାଇଁ: ଚେଷ୍ଟଶ କରୁଅଛି ? ଉତମ ଚରିତ୍ରକୁ ପରିପ୍ରକାଶ କରି ଜଣେ ଜଣକର ଅଧିକାରକୁ ପ୍ରଦାନ କରିବା ପ୍ରତି ଚେଷ୍ଟା କରୁଅଛି ବା ଏପରି ଭାବନା ରଖି ଏଠାକୁ ଆସିଛ ? ଯଦି ନୁହେଁ, ତେବେ ଯେପରି ମୁଁ କହିଲି ଯେ ଜଲ୍‌ସାରେ ଯୋଗଦେବା ଜଲ୍‌ସାକୁ ଆସିବା ବେକାର । କୌଣସି ଲାଭ ମିଳିବ ନାହିଁ । ପରିବେଶ ଅବଶ୍ୟ ପ୍ରଭାବ ପକାଇଥାଏ କିନ୍ତୁ ଏହି ପରିବେଶର ପ୍ରଭାବରୁ ଗ୍ରହଣ କରିବା ପାଇଁ ମନୁଷ୍ୟର ନିଜସ୍ୱ ଚେଷ୍ଟା ମଧ୍ୟ ଫଳପ୍ରଦ ହୋଇଥାଏ । ସୁତରାଂ ଏଥିପାଇଁ ଆମକୁ ଚେଷ୍ଟା କରିବାକୁ ହେବ ଓ ଅଲ୍ଲାଃ ତାଲାଙ୍କ

କୃପାକୁ ଆମେ ଲାଭ କରିବା ଓ ପୁଣି ହଜରତ ମସିହ ମଉଦ ଆ:ସଙ୍କ ଦୁଆ (ପ୍ରାର୍ଥନା) ପ୍ରାପ୍ତ କରିବାର ଯୋଗ୍ୟ ହେବା, ଯାହା ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏପରି ଲୋକମାନଙ୍କ ନିମନ୍ତେ ଦୁଃଖ ପ୍ରକାଶ କରିଛନ୍ତି ଯେଉଁମାନେ ଏହି ମନୋଭାବ ରଖି ଏ ଜଲ୍‌ସାରେ ସାମିଲ୍ ହେଉନାହାଁନ୍ତି ଓ ନିଜର କାର୍ଯ୍ୟକୁ ତା ମୁତାବକ ପରିଚାଳିତ କରୁନାହାଁନ୍ତି । ଆପଣ ଆ:ସ କହୁଛନ୍ତି କି:-

"ମୁଁ କଦାପି ଚାହୁଁନାହିଁ ଯେ ବର୍ତମାନର କିଛି ପୀରମାନଙ୍କ ସଦୃଶ କେବଳ ବାହ୍ୟ ବୈଭବ ଦେଖାଇବା ପାଇଁ ନୌ ମୁବାଇନ୍ (ଅର୍ଥାତ୍ ନୂଆ ବୟତ କରିଥିବା ଲୋକମାନ)ଙ୍କୁ ଏକତ୍ରିତ କରେ ବରଂ ସେହି ମହାନ୍ ଉଦ୍ଦେଶ୍ୟ ଯାହାପାଇଁ ମୁଁ ରାସ୍ତା ଖୋଜୁଛି (ତାହା ହେଉଛି) ଇସ୍‌ଲାହେ ଖଲ୍‌କିଲ୍ଲାହି (ଅର୍ଥାତ୍ ଅଲ୍ଲାଃଙ୍କ ପ୍ରାଣୀ ଜଗତର ସୁଧାର ହେଉ)" ।
(ଶାହାଦତୁଲ୍ କୁର୍‌ଆନ୍, ରୁହାନି ଖଜାଇନ୍, ଖଣ୍ଡ-୬, ପୃଷ୍ଠା-୩୯୫)

ସୁତରାଂ ଆପଣ ଆ:ସ ଏଥିରେ ସ୍ପଷ୍ଟ କରିଦେଇଛନ୍ତି ଯେ ବାହ୍ୟ ଜାକଜକମ ଓ ବୈଭବ ଏବଂ ଲୋକ ଦେଖାଣିଆଭାବ ପାଇଁ ଲୋକମାନଙ୍କୁ ଏକାଠି କରିବା ଏହାର ଉଦ୍ଦେଶ୍ୟ ନୁହେଁ । ଯେଉଁଭଳି ତଥାକଥିତ ପୀରମାନେ ଉର୍ସ୍ ଓ ମେଳା ନାମରେ ଲୋକମାନଙ୍କୁ ଏକତ୍ରିତ କରିଥାନ୍ତି ବରଂ ଯେଉଁ ଉଦ୍ଦେଶ୍ୟପାଇଁ ମୁଁ ଏହି ଜଲ୍‌ସା କରିବାର ପ୍ରଣାଳୀ ଗ୍ରହଣ କରିଛି ତାହାର ଉଦ୍ଦେଶ୍ୟ କେବଳ ହେଉଛି ଏହା କି ଅଲ୍ଲାଃତାଲାଙ୍କ ପ୍ରାଣୀ ଜଗତର ସୁଧାର ହେଉ ସେମାନେ ଅଲ୍ଲାଃତାଲାଙ୍କ ହକ୍‌କୁ ମଧ୍ୟ ପ୍ରଦାନ କରନ୍ତୁ ଓ ଆପୋଷରେ ଜଣେ ଅନ୍ୟଜଣକ ଅଧିକାରକୁ ମଧ୍ୟ ପ୍ରଦାନକାରୀ ହୁଅନ୍ତୁ ଓ ଯେଉଁ ଲୋକମାନେ ନିଜକୁ ସୁଧାରୁ ନାହାଁନ୍ତି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେମାନଙ୍କ ପାଇଁ ଦୁଃଖ ପ୍ରକାଶ କରିଛନ୍ତି ବରଂ ଆପଣ ଆ:ସ ଏହାକୁ ବହୁତ ଖରାପ ମଣିଛନ୍ତି । ତିରିଶି ହଜାର ବା ପଂଚତିରିଶି ହଜାର ବା ଚାଳିଶି ହଜାରର ଉପସ୍ଥାନ ଯଦି ଏହି ଜଲ୍‌ସାରେ ହୋଇଯାଏ ତେବେ ଏଥିରେ କଣ ଲାଭ । ଯଦି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଇଚ୍ଛାକୁ ପୂରଣ କରି ଆମେ ବୟତ କରିବା ପରେ ନିଜ ମନ ଭିତରେ ସାଂସାରିକ ମୋହମାୟାକୁ ନେଇ ବସିଅଛେ ଓ ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍ ସ:ଆ:ସଙ୍କ ସହିତ ଥିବା ପ୍ରେମ ଏହି ସାଂସାରିକ ପ୍ରେମ ଉପରେ ଭାରି ନପଡିଛି ଏବଂ ଅଲ୍ଲାଃତାଲା ଏବଂ ତା ରସୁଲ୍ ସ:ଆ:ସଙ୍କ ନିର୍ଦ୍ଦେଶାବଳୀ ମୁତାବକ ଆମେ ଆମ ଜୀବନକୁ ବିତାଉନାହେଁ ଓ ଏହି ତିନିଦିନରେ ମଧ୍ୟ ସଂସାର ଲାଭ କରିବା ଆମ ସମ୍ମୁଖରେ ଅଛି ତେବେ କିଛି ଲାଭ ନାହିଁ । ସୁତରାଂ ଆମକୁ ଏ କଥା ଗୁଡିକ ଉପରେ ଚିନ୍ତା କରିବା ଉଚିତ୍ ।

କିଛି ଦିନ ହେବ ରମ୍‌ଯାନ୍ ଶେଷ ହୋଇଛି । ଯାହା ଗୋଟିଏ ଆଧ୍ୟାତ୍ମିକ ସୁଧାର ଓ ଆଧ୍ୟାତ୍ମିକ ଉନ୍ନତିର ମାସ ଥିଲା ଓ ସେହି ମାସରେ ନିଜସ୍ୱ ଉପାସନା, ରୋଜା ଓ ଅଲ୍ଲାଃତାଲାଙ୍କ ସ୍ତୁତିଗାନ କରିବାର ଅବସର ପ୍ରତ୍ୟେକ ମୋମିନ୍‌କୁ ମିଳୁଥିଲା, ସେହିପରି ଏବେ ଆହୁରି ତିନିଦିନର ଗୋଟିଏ କ୍ୟାମ୍ପ୍ ଲାଗିଛି ଯେଉଁଥିରେ ଧର୍ମ ଓ ଜ୍ଞାନରେ ଉନ୍ନତି କରିବାର ଅବସର ମିଳିବା ସହିତ ଉପାସନା ଏବଂ ଅଲ୍ଲାଃତାଲାଙ୍କର ଗୁଣଗାନ କରିବାର ପରିବେଶ ମିଳୁଅଛି ଓ ଏହି ସବୁ କଥାଗୁଡିକୁର ସାମୂହିକ ପରିପ୍ରକାଶ କରିବାର ଏହା ହେଉଛି ଉତମ ଅବସର । ସମସ୍ତେ ଏକାଠି ହୋଇ ଉପାସନା କରିବା ପ୍ରତି ଧ୍ୟାନ ଦେଉଛନ୍ତି, ନଫିଲ୍ ମଧ୍ୟ ପଢୁଛନ୍ତି, ତହ୍‌ଜୁଦ୍ ନମାଜ ପାଠ କରୁଛନ୍ତି ତାହା ନିଜ ନିଜ ଭାଷାରେ ହୋଇଥାଉ ମଧ୍ୟ, ଯାହା ତାଙ୍କ ମନ ଭିତରେ ପ୍ରାର୍ଥନା କରିବାର ଉତ୍ସାହ ସୃଷ୍ଟି ହେଉଛି ସେମାନେ ନିଜ ନିଜ ଭାଷାରେ ସେହି ପ୍ରାର୍ଥନା ଗୁଡିକୁ କରି ଚାଲିଛନ୍ତି । ଯଦି ଆମେ ଏଥିରୁ ଲାଭ ନ ଉଠାଇବା ତେବେ ପୁଣି ଓ କେବେ ଓ କିପରି ଲାଭ ଉଠାଇବା ।

ସୁତରାଂ ଏହା ଏକ ବହୁତ ବଡ ଦାୟିତ୍ୱ ଯାହାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମ ଉପରେ ନ୍ୟସ୍ତ କରିଛନ୍ତି ଓ ତାଙ୍କୁ ମାନୁଥିବା ଲୋକମାନଙ୍କ ନିକଟରୁ ସେ ବହୁତ ବଡ ଆଶା ରଖିଛନ୍ତି । ଏହା କୌଣସି ମାମୁଲି କଥା ନୁହେଁ ଯେ ଏହି ପରିବେଶର ବାସ୍ତବିକ ଲାଭ ସେତେବେଳେ ଉଠାଯାଇପାରିବ ଯେତେବେଳେ ଏ ସାଂସାରିକ ପ୍ରେମ ଅଲ୍ଲାଃତାଲା ଓ ତାହାଙ୍କ ରସୁଲ୍‌ଙ୍କ ପ୍ରେମର ମୁକାବିଲାରେ ଶୀତଳ ହୋଇଯିବ । ଏ ପୃଥିବୀରେ ରହି ସାଂସାରିକ ପ୍ରେମକୁ ଈଶ୍ୱର ଓ ତାହାଙ୍କ ରସୁଲ୍‌ଙ୍କ ପ୍ରେମର ମୁକାବିଲାରେ ଦ୍ୱିତୀୟ ସ୍ଥାନରେ ରଖିବା ବହୁତ ବଡ କଥା ଓ ଏହା ହିଁ ଜଣକୁ ବାସ୍ତବିକ ମୋମିନ୍ ରୂପେ ଗଢ଼ିତୋଳିଥାଏ । ଏହି ତିନିଦିନର ଜଲ୍‌ସା ପରେ ସାଂସାରିକ କାର୍ଯ୍ୟ ମଧ୍ୟ କରିବାକୁ ହେବ । କିନ୍ତୁ ଏଠାରୁ ମିଳିଥିବା ଶିକ୍ଷା ଓ ଏଠାରେ ଯୋଗ ଦେଇଥିବାର ଲାଭ ସେତେବେଳେ ମିଳିବ ଯେତେବେଳେ ଆମେ ଏ ସାଂସାରିକ କାର୍ଯ୍ୟ କରିବା ସତ୍ୱେ ମଧ୍ୟ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେଉଥିବା । ସୁତରାଂ ଏହି ତିନିଦିନ ମଧ୍ୟରେ ବିଶେଷ ରୂପେ ସାଂସାରିକ ପ୍ରେମକୁ ସମ୍ପୂର୍ଣ୍ଣ ରୂପେ ଶୀତଳ କରିବାକୁ ପଡିବ ।

ଆମେ ଜଲ୍‌ସା ଦିନ ଗୁଡିକରେ ଏଠାରେ ଏକଥା ମଧ୍ୟ ଦେଖିଥାଉ ଯେ ଏଠାରେ ବଜାର ଉପଲବ୍ଧ ଅଛି, ଷ୍ଟଲ୍ ମଧ୍ୟ ଲାଗିଥାଏ ଓ ସାଂସାରିକ ଜିନିଷ ଗୁଡିକୁ ଏଠାରେ କିଣାବିକା ମଧ୍ୟ ହୋଇଥାଏ କିନ୍ତୁ ଏ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନେ ମଧ୍ୟ ଓ ବଜାର ଲଗାଇଥିବା ଲୋକମାନେ ମଧ୍ୟ ଏକଥାରେ ଧ୍ୟାନ ରଖନ୍ତୁ କି ବଜାରରେ ବୁଲିବା, ସପିଂ କରିବା ଓ ନିଜ ବସ୍ତୁଗୁଡିକ ମାଧ୍ୟମରେ ଲାଭ ହାସଲ କରିବା ପାଇଁ ଚେଷ୍ଟା କରିବା ହେଉଛି ସଂସାର ପ୍ରିତୀ । ତେଣୁ କିଣୁଥିବା ଲୋକମାନେ ମଧ୍ୟ ଓ ଦୋକାନବାଲା ମଧ୍ୟ ଏଥିରୁ ନିବୃତ ରୁହନ୍ତୁ । ସେହିପରି ଜଲ୍‌ସାରେ ଯେଉଁ ଲୋକମାନେ ଯୋଗ ଦେଇଛନ୍ତି ସେମାନେ ଏହି ଦୁଇଟି କଥାର ବିଶେଷ ରୂପେ ଧ୍ୟାନ ରଖି ଜଲ୍‌ସାର କାର୍ଯ୍ୟକ୍ରମ ଗୁଡିକୁ ମଗ୍ନ ହୋଇ ଶୁଣନ୍ତୁ । ଏହାପରେ ଜଲ୍‌ସା ମଝିରେ ଯେଉଁ ଛୁଟି ସମୟ ମିଳୁଛି ସେତେବେଳେ ଏମାନଙ୍କୁ ଅନୁମତି ଅଛି ଯେ ବଜାର ଯାଆନ୍ତୁ କିନ୍ତୁ ପୁଣି ବଜାରର ହକ୍ ମଧ୍ୟ ପ୍ରଦାନ କରିବା ପାଇଁ ଚେଷ୍ଟା କରନ୍ତୁ । ବଜାରର ହକ୍ ହେଉଛି ଏହା ଯେ ସେଠାରେ ଚାଲବୁଲା କରିବା ସମୟରେ ଜଣେ ଅନ୍ୟଜଣକୁ ସଲାମ କୁହନ୍ତୁ । *ଜିକ୍‌ରେ ଇଲାହି* (ଅଲ୍ଲାଃଙ୍କ ନାମ ସ୍ମରଣ କରିବା)ରେ ଲାଗି ରୁହନ୍ତୁ । କୌଣସି ଦୋକାନରେ ଯଦି କୌଣସି ବିଶେଷ ବସ୍ତୁକୁ ଦେଖିବାକୁ ପାଉଛନ୍ତି ତେବେ ସେଠାରେ ଭିଡ ଲଗାଇ ଧକ୍କାପେଲା କରନ୍ତୁ ନାହିଁ । ସେହିପରି ଦୋକାନୀ ଉଚିତ୍ ଲାଭ ନେଇ ନିଜର ଜିନିଷକୁ ବିକ୍ରି କରନ୍ତୁ । କାହାର ବିବଶତାକୁ ଦେଖି ଅନୁଚିତ୍ ଲାଭ କମାନ୍ତୁ ନାହିଁ । ଯେପରିକି ମୁଁ କହିଲି ଯେ ବଜାର ଭିତରେ ଅଲ୍ଲାଃତାଲାକୁ ସ୍ମରଣ କରୁଥାନ୍ତୁ । ଯେଉଁ ଦୋକାନୀମାନେ ଅଛନ୍ତି ସେମାନେ ମଧ୍ୟ ଏହି ସମୟରେ (ଜିକ୍‌ରେ ଇଲାହି) କରିଚାଲନ୍ତୁ । ଏହି ବାହ୍ୟ ସ୍ୱରୂପକୁ ଆମେ ଯଦି ଗ୍ରହଣ କରିବା ତେବେ ଆମର ଅନ୍ତରର ଅବସ୍ଥା ମଧ୍ୟ ପରିବର୍ତନ ହେବ ଓ ଆମ ମଧ୍ୟରେ ଧର୍ମପରାୟଣତା ସୃଷ୍ଟି ହେବ । ଅଲ୍ଲାଃତାଲାଙ୍କ ପ୍ରେମ ମଧ୍ୟ ସୃଷ୍ଟି ହେବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମ ମଧ୍ୟରେ ଏହି ପୁଣ୍ୟକୁ ସୃଷ୍ଟି କରିବା ପାଇଁ ଓ ଧର୍ମପରାୟଣତାର ସ୍ତରକୁ ଉଚ୍ଚ କରିବା ପାଇଁ ପୁଣି କହୁଛନ୍ତି ଯେ:-

"ଖୁଦାତାଲା ଯିଏ ଏହି ଜମାତକୁ ବନାଇବା ପାଇଁ ଚାହିଁଛି ଏହାର ଉଦ୍ଦେଶ୍ୟ ସେ ଏହା ରଖିଛି କି ସେହି ବାସ୍ତବିକ ଜ୍ଞାନ ଯାହା ସଂସାରରୁ ହଜି ଯାଇଥିଲା ଏବଂ ସେହି ବାସ୍ତବିକ ଧର୍ମ ପରାୟଣତା ଓ ପବିତ୍ରତା ଯାହା ଏ ଯୁଗରେ ମିଳୁନଥିଲା, ତାହାକୁ ପୁନର୍ବାର ପ୍ରତିଷ୍ଠା କରିବ ।
(ମଲ୍‌ଫୁଜାତ୍, ଖଣ୍ଡ-୭, ପୃଷ୍ଠା-୨୭୭-୨୭୮)

ପୁଣି ଆପଣ ଆ:ସ ଗୋଟିଏ ଅବସରରେ ଆମକୁ ନିଜର ତକ୍‌ୱା (ଧର୍ମପରାୟଣତା)ର ସ୍ତରକୁ ଉଚ୍ଚ କରିବା ପାଇଁ ଉପଦେଶ ଦେଇ କହୁଛନ୍ତି କି "ହେ ସମସ୍ତ ଲୋକମାନେ ! ଯେଉଁମାନେ ନିଜକୁ ମୋ ଜମାତ୍‌ରେ ଗଣନା କରୁଅଛ ଆକାଶରେ ତୁମେ ସେତେବେଳେ ମୋ ଜମାତ୍‌ରେ ଗଣାଯିବ ଯେତେବେଳେ ବାସ୍ତବରେ ତୁମେ ତକ୍‌ୱା (ଧର୍ମପରାୟଣତା)ର ମାର୍ଗ ଉପରେ ପାଦଥାପିବ" (କଶ୍‌ତିନୁହ୍, ରୁହାନି ଖଜାଇନ୍, ଖଣ୍ଡ-୧୯, ପୃଷ୍ଠା-୧୫)

ପୁଣି ଗୋଟିଏ ସ୍ଥାନରେ ଅଲ୍ଲାଃତାଲାଙ୍କ ସମ୍ମାନ ଓ ପ୍ରେମଭାବକୁ ହୃଦୟରେ ସୃଷ୍ଟିକରିବା ପ୍ରତି ଧ୍ୟାନ ଆକର୍ଷଣ କରାଇ ଆପଣ ଆ:ସ କହୁଛନ୍ତି କି "ଖୁଦାଙ୍କ ସମ୍ମାନକୁ ନିଜ ହୃଦୟ ଭିତରେ ସାଇତି ରଖନ୍ତୁ ଓ ତା'ର ତୌହିଦ୍ (ଅର୍ଥାତ୍ ଏକେଶ୍ୱରବାଦ)କୁ ନା କେବଳ ଜିହ୍ୱାଦ୍ୱାରା ଗ୍ରହଣ କରନ୍ତୁ ବରଂ କାର୍ଯ୍ୟଦ୍ୱାରା କରି ଦେଖାନ୍ତୁ । ଯଦ୍ୱାରା ଖୁଦା ମଧ୍ୟ କାର୍ଯ୍ୟରେ ନିଜର ଦୟା ଓ ଅନୁକମ୍ପା ତୁମ ଉପରେ ପ୍ରକାଶ କରିବେ ।"
(ଅଲ୍‌ୱସିୟତ୍, ରୁହାନି ଖଜାଇନ୍, ଖଣ୍ଡ-୨୦, ପୃଷ୍ଠା-୩୦୮)

ସୁତରାଂ ଏହି ସବୁ କଥାଗୁଡିକୁ ଆମେ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ ଯେ କିପରି ଆମେ ପ୍ରକୃତ ଧର୍ମପରାୟଣତା ସୃଷ୍ଟି କରିବା । କୌଣସି ଏକ ପୁଣ୍ୟକୁ କରିଦେବା ଧର୍ମପରାୟଣତା ନୁହେଁ ବରଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ଏକଥା ମଧ୍ୟ କହିଛନ୍ତି ଯେ ପ୍ରତ୍ୟେକ ପ୍ରକାରର ପୁଣ୍ୟକାର୍ଯ୍ୟକୁ କରିବାକୁ ହେବ, ଈଶ୍ୱର ଏବଂ ତାର ଭକ୍ତମାନଙ୍କର ସମସ୍ତ ପ୍ରକାରର ଅଧିକାରକୁ ପ୍ରଦାନ କରିବା ହେଉଛି ହେଉଛି ଅସଲ ତକ୍‌ୱା । (ଜମିମା ବରାହିନେ ଅହେମଦୀୟା, ଭାଗ-୫, ରୁହାନି ଖଜାଇନ୍, ଖଣ୍ଡ-୨୧, ପୃଷ୍ଠା-୨୧୦) ଏହି ଦୃଷ୍ଟିକୋଣରୁ ଯଦି ଆମେ ଅନୁଧ୍ୟାନ କରିବା ତେବେ ଆପଣା ଛାଏଁ ଆମ ସମ୍ମୁଖକୁ ଆମର ଅବସ୍ଥା ଆସିଯିବ ।

କିଛି ଲୋକେ ବାହାରେ ଜମାତି କାମ ବହୁତ ଭଲ କରିଥାନ୍ତି କିନ୍ତୁ ନିଜ ଘରେ ତାଙ୍କ ନିକଟରୁ ସ୍ତ୍ରୀ ପିଲାମାନେ ହଇରାଣ ହରକତ ହୋଇଥାନ୍ତି । କିଛି ଲୋକେ ଘରର ଲୋକମାନଙ୍କର ହକ୍‌କୁ ପ୍ରଦାନ କରିଥାନ୍ତି । କିନ୍ତୁ ଅଲ୍ଲାଃତାଲାଙ୍କ ହକ୍ ଓ ତାହାର ଉପାସନା

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ସଂସାର ପ୍ରାପ୍ତ କରିବାର ଅସଲ ଉଦ୍ଦେଶ୍ୟ ଦୀନ୍ (ଅର୍ଥାତ୍ ଧର୍ମ) ହେଉ ଓ ଏଭଳି ଭାବେ ସଂସାରକୁ ପ୍ରାପ୍ତ କରାଯାଉ ଯେ ତାହା ଦୀନ୍‌ର ଖାଦିମ୍ ଅର୍ଥାତ୍ ସେବକ ହେଉ ।''
*(ଖୁତ୍‌ବା ଯୁମାଃ: ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Siddique Ahmed & Family,*
*Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''
*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ପ୍ରତି ଧ୍ୟାନ ଦେଇନଥାନ୍ତି । ଏହି ପ୍ରକାରର ଅଭିଯୋଗ ମିଳିଥାଏ । କିଛି ଲୋକ ପ୍ରକାଶ୍ୟରେ ବହୁତ ଉପାସନାକାରୀ ହୋଇଥାନ୍ତି । କିନ୍ତୁ ସମାଜରେ ଯେଉଁ ଆପୋଷ ମାମଲା ଥାଏ ଜଣେ ଅନ୍ୟଜଣକର ହକ୍ ମାରିଥାନ୍ତି । କିଛି ଲୋକେ ଲୋକମାନଙ୍କ ସାମ୍ନାରେ ଅନେକ ପୁଣ୍ୟ କାର୍ଯ୍ୟ କରିଥାନ୍ତି । କିନ୍ତୁ ତାହା କେବଳ ଲୋକଦେଖାଣିଆ ଓ ସେମାନେ ଏକଥା ଭୁଲିଯାଇଥାନ୍ତି ଯେ ଅଲ୍ଲାଃତାଲା ଆମ ନିୟତ (ମନର କଥା)କୁ ମଧ୍ୟ ଜାଣିଛନ୍ତି ଓ ସେ ଆମକୁ ପ୍ରତ୍ୟେକ ଅବସ୍ଥାରେ ଦେଖୁଛନ୍ତି । ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ମୋ ଜମାତ୍‌ରେ ଗଣା ହେବାପାଇଁ, ଅଲ୍ଲାଃତାଲାଙ୍କ ପ୍ରେମକୁ ହାସଲ କରିବା ପାଇଁ, ତା କୃପାର ଉତରାଧିକାରୀ ହେବାପାଇଁ, ଅଲ୍ଲାଃତାଲାଙ୍କ ସ୍ନେହ ଓ ଅନୁଗ୍ରହକୁ ହାସଲ କରିବା ପାଇଁ ହେଲେ ପ୍ରତି କ୍ଷେତ୍ରରୁ ଓ ପ୍ରତି ପାର୍ଶ୍ୱରୁ ନିଜର କାର୍ଯ୍ୟ ନମୁନାର ଅବସ୍ଥାକୁ ସଠିକ୍ ରଖିବାର ଆବଶ୍ୟକତା ଅଛି । ଏହି ଜଲ୍‌ସା ଏହି ଉଦ୍ଦେଶ୍ୟରେ ଅନୁଷ୍ଠିତ କରାଯାଇଛି ଯେ ପୁଣ୍ୟ କାର୍ଯ୍ୟ କରିବା ପ୍ରତି ଧ୍ୟାନ ସୃଷ୍ଟି କରାଯାଉ । ଯେଉଁ ବକ୍ତାମାନେ ଅଛନ୍ତି ସେମାନେ ମଧ୍ୟ ନିଜ ନିଜର ଭାଷଣରେ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଥାନ୍ତି । ଆମକୁ ଗୋଟିଏ ଏପରି ପରିବେଶରେ ରଖାଯାଇ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଯାଇଥାଏ ଯେ ଆମର ପ୍ରତ୍ୟେକ କାର୍ଯ୍ୟରେ ଇଶ୍ୱରଙ୍କର ପ୍ରସନ୍ନତା ହାସଲ କରିବାର ଝଲକ ଦୃଷ୍ଟିଗୋଚର ହେବା ଉଚିତ୍ । ଏହି ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ଅବସରରେ କହୁଛନ୍ତି କି:-

"ମନେରଖ ଯେ ଅଲ୍ଲାଃତାଲାଙ୍କ ପୁର୍ଣ୍ଣଭକ୍ତ ସେହିମାନେ ଅଟନ୍ତି ଯାହାଙ୍କ ପାଇଁ ଅଲ୍ଲାଃତାଲା କହୁଛନ୍ତି:- ***ଲାତୁଲ୍‌ହିହିମ୍ ତିଜାରତୁଁ ୱ୍ଲା ବଇଉନ୍ ଅନ୍‌ଜିକ୍‌ରିଲ୍ଲାହି (ନୁର୍:୩୮)***" ଅର୍ଥାତ୍ ଯେଉଁମାନଙ୍କୁ ନା ତ କୌଣସି ବେପାର ବଣିଜ ଓ ନା କୌଣସି କିଣାବିକା ଅଲ୍ଲାଃତାଲାଙ୍କ ଗୁଣଗାନ କରିବାରୁ ବିରତ ରଖିଥାଏ । ପୁଣି କହୁଛନ୍ତି ଯେ "ଯେତେବେଳେ ମନ ଇଶ୍ୱରଙ୍କ ସହିତ ସଚ୍ଚା ସମ୍ପର୍କ ଓ ସଚ୍ଚା ପ୍ରେମ ସୃଷ୍ଟି କରିଥାଏ ସେତେବେଳେ ସେ ତା'ଠାରୁ ଅଲଗା ହିଁ ହୁଏନାହିଁ । ଏହାର ଗୋଟିଏ ଅବସ୍ଥା ଏହିପରି ବୁଝିପାରିବେ ଯେ ଉଦାହରଣ ସ୍ୱରୂପ ଯଦି କାହାର ପିଲା ବେମାର ପଡ଼ିଥାଏ ତେବେ ସେ କେଉଁ ସ୍ଥାନରେ ରହୁ ପଛକେ ଓ କେଉଁ କାର୍ଯ୍ୟ କରୁଥାଉ ପଛକେ ତା'ର ମନ ଓ ଧ୍ୟାନ ସେହି ପିଲାଠାରେ ଲାଗି ରହିବ । ସେହିପରି ଯେଉଁଲୋକମାନେ ଖୁଦାତାଲାଙ୍କ ସହିତ ସଚ୍ଚା ସମ୍ବନ୍ଧ ଓ ସଚ୍ଚା ପ୍ରେମ କରିଥାନ୍ତି ସେମାନେ କୌଣସି ପରିସ୍ଥିତିରେ ମଧ୍ୟ ଖୁଦାତାଲାଙ୍କୁ ଭୁଲିନଥାନ୍ତି" । (ମଲ୍‌ଫୁଜାତ୍, ଖଣ୍ଡ-୭, ପୃଷ୍ଠା-୨୦-୨୧)

ସୁତରାଂ ଏହି ଅବସ୍ଥାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମ ନିକଟରେ ଦେଖିବାକୁ ଚାହୁଁଛନ୍ତି ଓ ଏପରି ଅବସ୍ଥା ସୃଷ୍ଟି କରିବାକୁ ଚେଷ୍ଟା କରିବା ପାଇଁ ଆମେ ଏଠାରେ ଏକାଠି ହୋଇଛେ । ଆମମାନଙ୍କ ମଧ୍ୟରେ ପ୍ରତ୍ୟେକଙ୍କୁ ଏ ଚେଷ୍ଟା କରିବା ଉଚିତ୍ ଓ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ଉଚିତ୍ ଯେ ଆମେ ଉପରୋକ୍ତ ଅବସ୍ଥାକୁ ହାସଲ କରିପାରିବା ଓ ଯେତେବେଳେ ଆମେ ଏପରି ଅବସ୍ଥା ସୃଷ୍ଟି କରିବା ଓ ଏଥିପାଇଁ ଚେଷ୍ଟା କରିବା ସେତେବେଳେ ଇଶ୍ୱର ମଧ୍ୟ ଆମକୁ ମନେ ରଖିବେ । ଯେପରି ସେ ସ୍ୱୟଂ କହୁଛନ୍ତି ଯେ ***ଉଜ୍‌କୁରୁଲ୍ଲାହା ୟଜ୍‌କୁର୍‌କୁମ୍*** (ଅର୍ଥାତ୍ ଅଲ୍ଲାଃତାଲାଙ୍କୁ ସ୍ମରଣ କର ସେ ତୁମକୁ ମନେ ରଖିବେ) । ସୁତରାଂ କେତେ ସୌଭାଗ୍ୟଶାଳୀ ଅଟନ୍ତି ସେମାନେ ଯେଉଁମାନଙ୍କୁ ଅଲ୍ଲାଃତାଲା ସ୍ମରଣ କରିଥାଏ ଓ ମନେ ରଖିଥାଏ । ଆମ ଇଶ୍ୱର ଆମକୁ କେବଳ ଏତିକି ପ୍ରଦାନ କରନ୍ତୁ ଯେ ଆମେ ସାଂସାରିକ କାର୍ଯ୍ୟରେ ଲିପ୍ତ ରହିବା ସତ୍ୱେ ମଧ୍ୟ ନିଜ ପ୍ରଭୁଙ୍କୁ ଭୁଲିବୁ ନାହିଁ ଓ ବିଶେଷ ରୂପେ ଏହି ଦିନଗୁଡ଼ିକରେ ଏଥିପ୍ରତି ଆମକୁ ଚେଷ୍ଟା କରିବା ଉଚିତ୍ ଯେ ଆମେ କିପରି ଖୁଦାତାଲାଙ୍କର ବାସ୍ତବିକ ସ୍ତୁତିଗାନ କରିବୁ ଯଦ୍ୱାରା ଅଲ୍ଲାଃତାଲା ଆମକୁ ମନେ ରଖି ଆମ ଉପରେ କୃପା କରିବେ ।

ସୁତରାଂ ଏ ଜଲ୍‌ସାରେ ଯୋଗଦେବାକୁ ଆସିଥିବା ଲୋକମାନେ ମଧ୍ୟ ଏବଂ ଯେଉଁମାନେ ଡ୍ୟୁଟି ଦେଉଛନ୍ତି ସେମାନେ ମଧ୍ୟ ଏହି ଦିନ ଗୁଡ଼ିକରେ ଅଲ୍ଲାଃତାଲାଙ୍କୁ ସ୍ମରଣ ଓ ଧ୍ୟାନ ରଖିବା ପାଇଁ ଚେଷ୍ଟା କରନ୍ତୁ ଓ ଇଶ୍ୱରଙ୍କର ସାନିଧ୍ୟ ହାସଲ କରନ୍ତୁ । ଏହାଠାରୁ ବଡ କଥା ଆଉକଣ ହୋଇପାରିବ ଯେ ଅଲ୍ଲାଃତାଲା ଆମକୁ ମନେ ରଖିବେ । ତେଣୁ ଏହାକୁ ହାସଲ କରିବା ପାଇଁ ଆମକୁ ଚେଷ୍ଟା କରିବାକୁ ହେବ । ତେବେ ଯାଇ ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିର୍ଦ୍ଦେଶ ମୁତାବକ ଆକାଶରେ ଆପଣ ଆ:ସଙ୍କ ଜମାତ୍ ମଧ୍ୟରେ ଗଣାହେବା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏହି ବାକ୍ୟ ଆମକୁ ଚିନ୍ତାରେ ପକାଇବା କଥା ଯେ ଆକାଶରେ ମୋ ଜମାତ୍‌ରେ ସେତେବେଳେ ଗଣାଯିବ ଯେବେ ବାସ୍ତବିକ ଧର୍ମପରାୟଣତାର ମାର୍ଗ ଉପରେ ପାଦ ଥାପିବ । ବୟତ କରିବା ପରେ ଆମମାନଙ୍କ ମଧ୍ୟରୁ ଅନେକ ଲୋକ ଏପରି ଅଛନ୍ତି ଯେଉଁମାନେ ନିଜ ନିକଟ ସମ୍ପର୍କୀୟଙ୍କ ତରଫରୁ ମଧ୍ୟ ତିରସ୍କୃତ ହୋଇଛନ୍ତି । ଆପଣମାନଙ୍କ ମଧ୍ୟରୁ ଅନେକ ଏଠାକୁ ଏଇଥିପାଇଁ ହିଜ୍‌ରତ୍ କରି ଆସିଛନ୍ତି ଯେ ସେମାନେ ଅହେମଦୀ ହୋଇଥିବା ଯୋଗୁ ଅହେମଦୀ ବିରୋଧି ଶତୃମାନଙ୍କର ସମ୍ମୁଖୀନ କରିଛନ୍ତି । ଦେଶୀୟ କାନୁନ୍ ଆମ ଧର୍ମୀୟ ସ୍ୱାଧୀନତା ଉପରେ ପ୍ରତିବନ୍ଧକ ଲଗାଇଛି କିନ୍ତୁ ଏହା ସବୁ ସତ୍ୱେ ମଧ୍ୟ, ଏହି ସମସ୍ତ କଷ୍ଟ ହେବା ସତ୍ୱେ ମଧ୍ୟ ପାକିସ୍ତାନ୍‌ରେ ବା ଅନ୍ୟ କେତେକ ଦେଶଗୁଡ଼ିକରେ ଅହେମଦୀମାନେ ଧୈର୍ଯ୍ୟ ଧରି ଅଛନ୍ତି ଅଥବା ଆପଣମାନଙ୍କ ମଧ୍ୟରୁ କେତେକ ଧୈର୍ଯ୍ୟ ରଖିଛନ୍ତି । ପୁଣି ଆମେ ନିଜ କାର୍ଯ୍ୟ ନମୁନାର ଦୁର୍ବଳତା ଯୋଗୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜମାତ୍‌ରେ ଗଣା ନ ହେବା ଏବଂ ସେହି ଲୋକମାନଙ୍କ ମଧ୍ୟରେ ଅର୍ଥାତ୍ ସେହି ସୌଭାଗ୍ୟଶାଳୀ ଲୋକମାନଙ୍କ ମଧ୍ୟରେ ଗଣାନହେବ, ଯେଉଁମାନଙ୍କର ଚର୍ଚ୍ଚା ଅଲ୍ଲାଃତାଲା କରିଛନ୍ତି । ତେବେ ଇଏ କେତେ କ୍ଷତିର ସଉଦା । ତେଣୁ ଏହି ଦିନ ଗୁଡ଼ିକରେ ବହୁତମାତ୍ରାରେ ପ୍ରାର୍ଥନା କରନ୍ତୁ ଏବଂ ଆମେ ଏ ଦୁଆ କରିବା ଉଚିତ୍ ହେବ କି ଆମେ ସେହି ଲୋକମାନଙ୍କ ମଧ୍ୟରେ ଗଣା ନହେବା ଯାହାଙ୍କଠାରୁ ଖୁଦାତାଲା ପ୍ରସନ୍ନ ହୁହଁନ୍ତି ବରଂ ଏପରି ଲୋକମାନଙ୍କ ମଧ୍ୟରେ ଗଣା ନହେବା ଯାହାଙ୍କ ଚର୍ଚ୍ଚା ଖୁଦାତାଲା କରୁଛନ୍ତି । ଖୁଦାତାଲାଙ୍କ ସହିତ ଆମେ ଦୃଢ଼ ସମ୍ପର୍କ ଜୋଡିବାବାଲା ହେବା, ନିଜର ମନର ଅନ୍ଧକାରକୁ ଦୂର କରିବାବାଲା ହେବା । ଏଠି ଜଲ୍‌ସାର କାର୍ଯ୍ୟକ୍ରମ ସମୟରେ ମଧ୍ୟ ଓ ମଧ୍ୟାହ୍ନ ବିରତିରେ ମଧ୍ୟ ଏବଂ ରାତି ସମୟରେ ମଧ୍ୟ ଅଲ୍ଲାଃତାଲାଙ୍କୁ ସ୍ମରଣ କରିବା ସହିତ ଏ ପ୍ରାର୍ଥନା ଏବଂ ଏ ପ୍ରତିଜ୍ଞା କରନ୍ତୁ ଯେ ହେ ଖୁଦା ! ଆମେ ପୁଣ୍ୟ ନିୟତ ନେଇ ତୁମର ମସିହ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ଜଲ୍‌ସାରେ ସାମିଲ୍ ହୋଇଛୁ । ଯାହା ନିଶ୍ଚିତ ରୂପେ ତୁମର ବିଶେଷ ସାହାଯ୍ୟ ଓ ଅନୁମତି କ୍ରମେ ଜାରି ହୋଇଛି । ଏଥିରେ ତୁମ ପ୍ରସନ୍ନତାକୁ ହାସଲ କରିବା ଓ ତୁମର ସ୍ତୁତିଗାନ କରିବାରେ ବଢ଼ିଚାଲିବା ଓ ତୁମର ପ୍ରେମକୁ ଲାଭ କରିବା ପାଇଁ ସାମିଲ୍ ହୋଇଅଛୁ । ନିଜର ଏହି ସମସ୍ତ ବର୍‌କତ୍‌ରୁ ଆମକୁ ଲାଭ ଉଠାଇବା ପାଇଁ ଶକ୍ତି ଦିଅନ୍ତୁ ଯାହାକୁ ତୁମେ ଏହି ଜଲ୍‌ସା ସହିତ ଯୋଡି କରି ରଖିଛ । ଆମର ଅନ୍ତରକୁ ପବିତ୍ର କରି ପରିବର୍ତନ ସୃଷ୍ଟି କରନ୍ତୁ ଯେପରି ତୁମେ ଚାହଁ ଓ ଯାହାକୁ ପ୍ରତିଷ୍ଠା କରିବା ପାଇଁ ତୁମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସଚ୍ଚା ଦାସକୁ ଏ ଯୁଗରେ ପ୍ରେରଣ କରିଛୁ । ଯଦ୍ୱାରା ଆମେ ତା ନିକଟରେ ବୟତ କରି ବାସ୍ତବରେ ସାମିଲ୍ ହେବାବାଲା ହୋଇପାରିବା । ସୁତରାଂ ଯେତେବେଳେ ଆମେ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରିଥାଉ ଦରୁଦ୍ ଏବଂ ଇସ୍‌ତେଗ୍‌ଫାର୍ କରି ଏହି ଦିନ ଗୁଡ଼ିକ ବିତାଇବା ଏବଂ ଏହି ଦିନ ଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କ ପାଇଁ ହିଁ ବିତାଇବା ସେତେବେଳେ ଆମର ଉପାସନାର ସ୍ତର ମଧ୍ୟ ଉଚ୍ଚରୁ ଉଚ୍ଚତର ହେବ ଓ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ଯୋଡିଥିବା ଯୋଗୁ ଆମେ ଅଲ୍ଲାଃତାଲାଙ୍କ ପ୍ରାଣୀ ଜଗତର ହକ୍ ପ୍ରଦାନ କରିବାବାଲା ମଧ୍ୟ ହେବା ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହି ଜଲ୍‌ସାର ଆଉଗୋଟିଏ ଉଦ୍ଦେଶ୍ୟ ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ ଜମାତ୍‌ର ସଦସ୍ୟମାନଙ୍କ ମଧ୍ୟରେ ଆପୋଷ ସ୍ନେ ଓ ପରିଚୟ ବଢୁ । (ଆସ୍‌ମାନି ଫୈସଲା ରୁହାନି ଖଜାଇନ୍, ଖଣ୍ଡ-୪, ପୃଷ୍ଠା-୩୫୨) ସୁତରାଂ ଯେଉଁଠି ନୁଆ ଆସୁଥିବା ଲୋକମାଙ୍କ ସହିତ ଅହେମଦୀୟତ୍‌ର ବନ୍ଧୁତ୍ୱ ଯୋଗୁ ପ୍ରେମ ଓ ପରିଚୟର ବନ୍ଧୁତ୍ୱ ପ୍ରତିଷ୍ଠା ହେବ ସେଠାରେ ଏହା ମଧ୍ୟ ଆବଶ୍ୟକ ଯେ ପୁରୁଣା ବନ୍ଧୁମାନଙ୍କ ମଧ୍ୟରେ ଆହୁରି ଅଧିକା ପ୍ରେମଭାବ ସୃଷ୍ଟି ହେବ । ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ବହୁମାତ୍ରାରେ ଅନୁଗ୍ରହ କରିଥାଏ ଯିଏ ନିଜ ଭାଇଙ୍କ ସହିତ ଖୁଦାଙ୍କ ଖାତିର୍ ପ୍ରେରଣ କରିଥାଏ । ତେଣୁ ଏହି ଦିନ ଗୁଡ଼ିକୁ ଆପୋଷରେ ଥିବା ମନୋମାଳିନ୍ୟତାକୁ ଦୂର କରିବାର ମାଧ୍ୟମ ମଧ୍ୟ ବନାନ୍ତୁ । ଏପରି ନହେଉ କି ଏଠାକୁ ଆସି ଯେଉଁ ଲୋକମାନଙ୍କର ଆପୋଷ, ମନୋମାଳିନତା ରହିଛି, ଆମନା ସାମନା ହୋଇ ଆପୋଷରେ ଥିବା ଶତୃତା ଆରମ୍ଭ ହୋଇଯାଉ ଫଳତଃ ଜଣେ ଅନ୍ୟ ଜଣକ ପ୍ରତି ରଖିଥିବା ମନୋଭାବ ଆହୁରି ବଢ଼ିଯାଉ ଏବଂ ସେମାନେ ଜଲ୍‌ସାର ପରିବେଶକୁ ସେଥି ସକାଶେ ପୁଣି ଖରାପ କରିଦିଅନ୍ତୁ । ଖୁଦାତାଲାଙ୍କ କୃପାର ଉତରାଧିକାରୀ ହେବା ପରିବର୍ତେ ଅଲ୍ଲାଃତାଲାଖଙ୍କ କ୍ରୋଧ ଓ ଅପ୍ରସନ୍ନତାର କାରଣ ହୋଇଯାଆନ୍ତୁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜଲ୍‌ସାସାଲାନାକୁ ମଧ୍ୟ ଶାଏରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ପୀଠ)ରେ ଗଣନା କରିଛନ୍ତି । ତେଣୁ ଯେଉଁ ଲୋକମାନେ ଶାଏରୁଲ୍ଲାଃର ପବିତ୍ରତାକୁ କ୍ଷତି ପହଂଚାଉଛନ୍ତି ସେମାନେ ଅଲ୍ଲାଃତାଲାର କ୍ରୋଧର ଶିକାର ହେଉଛନ୍ତି । (ଉଦ୍‌ଘାଟନୀ ଭାଷଣ, ଜଲ୍‌ସାସାଲାନା ୧୯୩୧, ଅନ୍‌ୱାରୁଲ୍ ଉଲୁମ୍, ଖଣ୍ଡ-୧୨, ପୃଷ୍ଠା-୩,୮,୯) ସୁତରାଂ ବହୁତ ଭୟ କରିବା ସ୍ଥାନ । ଯେଉଁମାନଙ୍କ ମଧ୍ୟରେ ମନମାଳିନ୍ୟତା ରହିଛି ସେମାନଙ୍କ ଆବଶ୍ୟକ ଯେ ତତ୍‌କ୍ଷଣାତ୍ ଜଣେ ଅନ୍ୟଜଣକ ପାଇଁ ସୁଲାହ୍‌ର ହାତ ବଢ଼ାନ୍ତୁ । ବର୍ତମାନ ଏପରି ପରିବେଶ ସୃଷ୍ଟି କରାନ୍ତୁ ଯେଉଁଠି ଆତ୍ମବଡ଼ିମାର ଗାତ ଭିତରେ ବନ୍ଦ ହୋଇଯିବା ପରିବର୍ତେ ଓ ତାର ନିଆଁରେ

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ'' *(ଖୁତ୍‌ବା ଯୁମାଃ ପ୍ରଦତ ୦୧ ଜାନୁୟାରୀ ୨୦୧୬)* |
|---|---|

*ତାଲିବେ ଦୁଆ: Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ: Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଜଳିବା ପରିବର୍ତେ ଏବଂ ଈର୍ଶାର ଅଗ୍ନିରେ ଜଳିବ ପରିବର୍ତେ ଶାନ୍ତି ଓ ସୌହାର୍ଦ୍ଧ୍ୟର ସୁନ୍ଦର ପରିବେଶ ସୃଷ୍ଟ କରନ୍ତୁ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଏହି ଉପଦେଶକୁ ସଦାସର୍ବଦା ନିଜ ସମ୍ମୁଖରେ ରଖନ୍ତୁ ଯେ ମୁସଲ୍‌ମାନ୍ ହେଉଛି ସେହି ବ୍ୟକ୍ତି ଯାହାର ହାତ ଏବଂ ମୁହଁରୁ କୌଣସି ମୁସଲ୍‌ମାନ୍‌ଙ୍କୁ ଦୁଃଖ ନପହଂଚୁ ।

(ସହି ବୁଖାର, କିତାବୁଲ୍ ଇମାନ୍....... ହଦିସ୍:୧୦)

ଆମକୁ ଏକଥା ପରଖିନେବା ଉଚିତ୍ ହେବ ଯେ କଣ ଉପରୋକ୍ତ ଉପଦେଶାବଳୀ ଆମ ଅବସ୍ଥାକୁ ପ୍ରତିଫଳିତ କରୁଛି । କଣ ଆମର କାର୍ଯ୍ୟ ନମୁନା ତା ମୁତାବକ ରହିଛି ? କଣ ଆମେ ଦାବୀ ମାରି ଏକଥା କହିପାରିବା ଯେ ଆମେ ଶତ ପ୍ରତିଶତ ଏହା ଉପରେ ପରିଚାଳିତ ହେଉଅଛେ ? ଯଦି ଏହା ସତ୍ୟ, ଯଦି ପ୍ରତ୍ୟେକ ଏକଥା କହୁଛନ୍ତି ଯେ ଏକଥା ସତ୍ୟ ଅଟେ ତେବେ ପୁଣି କଜା (ଇସ୍‌ଲାମୀୟ ଅଦାଲତ)ରେ ଆମର କୌଣସି ମାମଲା ଆସିବା ଉଚିତ୍ ନୁହେଁ ଏବଂ ଦେଶର ଅଦାଲତ ଗୁଡିକରେ ଆମ ନିଜର ହକ୍‌କୁ ହାସଲ କରିବା ପାଇଁ ମୋକଦ୍ଦମା ଯିବା ଉଚିତ୍ ନୁହେଁ । ମୋତେ ବଡ ଦୁଃଖର ସହିତ ଏକଥା କହିବାକୁ ପଡୁଛି ଯେ କେତେକ ଲୋକ ଏ ଜଲ୍‌ସାକୁ ଆସୁଛନ୍ତି ଓ ଟିକିଏ ଟିକିଏ କଥାରେ, ପୁରୁଣା ଶତୃତା ଓ ମନୋମାଳିନ୍ୟତା ଯୋଗୁ ଏହି ଜଲ୍‌ସା ଦିନ ଗୁଡିକରେ ମଧ୍ୟ ଏପରି ପରିବେଶରେ ଥାଇ ମଧ୍ୟ ଲଢ଼େଇ ଝଗଡା କରିଦେଉଛନ୍ତି । ବେଳେବେଳେ ପୋଲିସ୍‌କୁ ମଧ୍ୟ ଡାକିବାକୁ ପଡ଼ିଥାଏ । କ'ଣ ଏହା ଜଣେ ମୋମିନ୍‌ର ସମ୍ମାନ କି ? କଣ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜମାତ୍‌ରେ ସାମିଲ୍ ହୋଇଥିବା ଲୋକଙ୍କର ଏପରି କାର୍ଯ୍ୟ ନମୁନା ହୋଇଥାଏ ? ଅବଶ୍ୟ ନୁହେଁ । ଏପରି ଲୋକମାନଙ୍କୁ ନିଜାମେ ଜମାତ୍ ଯଦି ଜମାତ୍‌ରୁ ବାହାର କରିଦିଏ ବା ନବାହାର କରେ ତେବେ ମଧ୍ୟ ସେମାନେ ନିଜ କାର୍ଯ୍ୟ ନମୁନା ଯୋଗୁ ଈଶ୍ୱରଙ୍କ ଦୃଷ୍ଟିରେ ଜମାତ୍‌ରୁ ବାହାରି ଯାଇଥାନ୍ତି ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କଥନ ମୁତାବକ ସେମାନେ ଆକାଶରେ ଆପଣ ଆ:ସଙ୍କ ଜମାତ୍‌ରେ ସାମିଲ୍ ନୁହଁନ୍ତି ।

ସୁତରାଂ ନିଜ ନିଜର ନିରୀକ୍ଷଣ କରନ୍ତୁ । ନିଜର ହୃଦୟର ମଇଳାକୁ ଏପରି ଲୋକମାନେ ବାହାର କରିବା ଉଚିତ୍ ଏବଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ହାସଲ କରିବା ପାଇଁ କ୍ଷମା ଏବଂ ସୁଲାହ୍‌ର ରାସ୍ତାକୁ ଗ୍ରହଣ କରିବା ଉଚିତ୍ । ଏ ସଂସାରକୁ ଏକଥା ବତାନ୍ତୁ ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତ୍‌ରେ ଆସି ଆମର ଆଧ୍ୟାତ୍ମିକ ଓ ଚାରିତ୍ରିକ ଅବସ୍ଥାରେ ଏକ ବୈପ୍ଳବିକ ପରିବର୍ତନ ସୃଷ୍ଟିହୋଇଛି । ସେହିପରି ଯେଉଁ ଓ୍ୱହ୍‌ଦାଦାର୍‌ମାନେ ଅଛନ୍ତି ଓ ଜଲ୍‌ସାରେ ଡ୍ୟୁଟି ଦେଉଥିବା ଲୋକମାନେ ଅଛନ୍ତି ସେମାନେ ଏ ଦିନ ଗୁଡିକରେ ବିଶେଷ ରୂପେ ଖିଆଲ୍ ରଖନ୍ତୁ ଯେ ସେମାନଙ୍କର ଚାରିତ୍ରିକ ସ୍ତର ବହୁତ ଉଚ୍ଚ ହେବା ଉଚିତ୍ । ସାଧାରଣ ଦିନ ଗୁଡିକରେ ଯେଉଁମାନଙ୍କ ମଧ୍ୟରେ କୌଣସି ଆପୋଷ ମନୋମାଳିନ୍ୟତା ଥିଲା ସେହି କର୍ମୀମାନଙ୍କୁ ଜଲ୍‌ସାର ଏହି ପରିବେଶରେ ସୁଲ୍‌ହା ସଫାଇ କରିବା ପାଇଁ ଆଗକୁ ଆସିବା ଉଚିତ୍ । ନା ଏପରି ହେଉ କି ପ୍ରତିଶୋଧ ନେବାର କୌଣସି ରାସ୍ତା ଖୋଜନ୍ତୁ । ଜଲ୍‌ସାକୁ ଆସିଥିବା ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ଆମର ଅତିଥି । ପ୍ରତ୍ୟେକ ଓ୍ୱହ୍‌ଦାଦାର ଓ ପ୍ରତ୍ୟେକ କର୍ମୀମାନଙ୍କର କାମ ହେଉଛି ଏହା କି ସେମାନେ ପ୍ରତ୍ୟେକ ପ୍ରକାରର ଆପୋଷ ନିଜି ମନମାଳିନ୍ୟତାକୁ ଦୂର କରି ବିଶାଳ ହୃଦୟତାର ସହିତ ଆତିଥ୍ୟତା ପରିପ୍ରକାଶ କରନ୍ତୁ । ଓ୍ୱହ୍‌ଦାଦାର୍‌ମାନଙ୍କ ଏହା ବିଶେଷ ଦାୟିତ୍ୱ ଅଟେ ଯେ ସେମାନଙ୍କ ମଧ୍ୟରେ ଧୈର୍ଯ୍ୟ ରଖିବାର ତତ୍ୱ ଅଧିକା ହେବା ଉଚିତ୍ । ସୁତରାଂ ଓ୍ୱହ୍‌ଦାଦାର୍‌ମାନେ ନିଜକୁ ପ୍ରତ୍ୟେକ ଅବସ୍ଥାରେ ଖାଦିମ୍ (ଅର୍ଥାତ୍ ସେବକ) ବୋଲି ମଣନ୍ତୁ ଏବଂ ଜଲ୍‌ସାରେ ସାମିଲ୍ ହୋଇଥିବା ଜମାତ୍‌ର ସଦସ୍ୟମାନେ ଓ୍ୱହ୍‌ଦାଦାର୍‌ମାନଙ୍କୁ ନିଜାମେ ଜମାତ୍‌ର ପ୍ରତିନିଧି ରୂପେ ବିବେଚନା କରନ୍ତୁ । ତେବେ ଯାଇ ଏହି ଭିଡାଭିଡି ଓ ଲଢ଼େଇ ଝଗଡାର ପରିବେଶ ସୁଧୁରି ପାରିବ ଅର୍ଥାତ୍ ଆପୋଷରେ ଥିବା ମନୋମାଳିନ୍ୟତା ଦୂର ହୋଇପାରିବ ।

ମୋତେ ଏକଥା ମଧ୍ୟ ଦୁଃଖର ସହିତ କହିବାକୁ ପଡୁଛି ଯେ ଏଠାର କିଛି ଜମାତ୍ ଗୁଡିକର ଓ୍ୱହ୍‌ଦାଦାର୍‌ମାନେ ନିଜ ଓ୍ୱହ୍‌ଦା (ଅର୍ଥାତ୍ ପଦବୀ)ର ଖିଆଲ୍ ରଖୁନାହାଁନ୍ତି । ଜଲ୍‌ସାର ପରିବେଶ କଥା କହୁନାହିଁ । ସାଧାରଣ ଅବସ୍ଥାରେ ମଧ୍ୟ ନିଜ ନିଜ ଜମାତରେ ବହନ କରିଥିବା ଜମାତି ଦାୟିତ୍ୱକୁ ମଧ୍ୟ ଅର୍ଥାତ୍ ଧର୍ମ ସେବାକୁ ଅଲ୍ଲାଃତାଲାଙ୍କ କୃପା ପରିବର୍ତେ ସାଂସାରିକ ପଦବୀ ସଦୃଶ ମଣୁଛନ୍ତି । ସେଥିଯୋଗୁ ସେମାନଙ୍କୁ ବଦଳାଇବାକୁ ମଧ୍ୟ ପଡ଼ିଲା ।

ତେଣୁ ଯଦି ଏପରି ଲୋକେ ଏଠି ଜଲ୍‌ସାରେ ପହଂଚିଛନ୍ତି ତେବେ ସେମାନେ ଉପାସନା, ଜିକ୍‌ରେ ଇଲାହି ଏବଂ ବିନମ୍ରତାରେ ବଢ଼ିବା ପାଇଁ ଚେଷ୍ଟା କରନ୍ତୁ । ଯଦି ସେମାନଙ୍କ ଧାରଣାରେ ସେମାନଙ୍କ ନିମନ୍ତେ ଯଦି କୌଣସି ଭୁଲ୍ ନିଷ୍ପତି ନିଆଯାଇଛି ତେବେ ମଧ୍ୟ ବିନମ୍ରତାର ମାର୍ଗକୁ ଗ୍ରହଣ କରନ୍ତୁ ଓ ବିନମ୍ରତାକୁ ଆପଣେଇ ଅଲ୍ଲାଃତାଲାଙ୍କ ସମ୍ମୁଖରେ ନତମସ୍ତକ ହୁଅନ୍ତୁ ଓ ନିଜାମେ ଜମାତ୍ ସମ୍ବନ୍ଧରେ ନିଜ ହୃଦୟରେ କୌଣସି ପ୍ରକାରର ବିଦ୍ୱେଷଭାବ ଆଣନ୍ତୁ ନାହିଁ । ଯଦି ଭୁଲ୍ ନିଷ୍ପତି ହୋଇଛି ତେବେ ଅଲ୍ଲାଃତାଲା ତ ପ୍ରତ୍ୟେକ ବିଷୟ ଜାଣିଛନ୍ତି । ସେ ଅଦୃଶ୍ୟର ମଧ୍ୟ ଜ୍ଞାନ ରଖିଛି ଓ ଉପସ୍ଥିତିର ମଧ୍ୟ ଜ୍ଞାନ ରଖିଛି । ଯଦି ତା ସମ୍ମୁଖରେ ବିନମ୍ର ହୋଇ ନୁଆଯାଏ ତେବେ ସେ ପ୍ରାର୍ଥନାକୁ ଗ୍ରହଣ କରିଥାଏ ଓ ଅସୁବିଧାରୁ ବାହାରକୁ ବାହାର କରିଥାଏ । ସର୍ବଦା ମନେ ରଖିବା ଉଚିତ୍ ଯେ ଅସଲ ଜିନିଷ ଓ୍ୱହ୍‌ଦା ନୁହେଁ । ବରଂ ଅସଲ ଜିନିଷ ହେଉଛି ନିଜର ବୟତ୍‌ର ହକ୍‌କୁ ପ୍ରଦାନ କରିବା । ସେ ଓ୍ୱହ୍‌ଦାଦାର୍ ହୁଅନ୍ତୁ ବା ଜମାତ୍‌ର କୌଣସି ସଦସ୍ୟ । ସମସ୍ତେ ଏହି ହକ୍‌କୁ ପ୍ରଦାନ କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ଏହି ହକ୍‌କୁ ପ୍ରଦାନ କରିବା ସମ୍ବନ୍ଧରେ ଉପଦେଶ ଦେଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ:-

"ହେ ମୋର ଜମାତ୍ ! ଖୁଦାତାଲା ଆପଣମାନଙ୍କ ସହିତ ରୁହନ୍ତୁ, ସେହି ସର୍ବଶକ୍ତିମାନ ଆପଣମାନଙ୍କୁ ପରକାଳର ଯାତ୍ରା ନିମନ୍ତେ ଏପରି ପ୍ରସ୍ତୁତ କରନ୍ତୁ ଯେପରି ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସ୍‌ହାବ୍ (ସାଥିଗଣଙ୍କୁ) ପ୍ରସ୍ତୁତ କରାଇଥିଲେ । ଖୁବ୍ ମନେରଖ ଯେ ଏ ସଂସାର କିଛି ନୁହେଁ । ଏ ଜୀବନ ହେଉଛି ଅଭିଷପ୍ତ ଯାହା କେବଳ ସଂସାର ପ୍ରାପ୍ତି ପାଇଁ ଅଟେ । ସେ ବ୍ୟକ୍ତି ହେଉଛି ଅଭାଗା ଯାହାର ସମସ୍ତ ଚିନ୍ତା ସଂସାରପ୍ରାପ୍ତି ପାଇଁ ଉର୍ଦ୍ଧିଷ୍ଟ । ଏପରି ବ୍ୟକ୍ତି ଯଦି ମୋର ଜମାତ୍‌ରେ ଥାଏ ତେବେ ସେ ବେକାରଟାରେ ନିଜକୁ ମୋ ଜମାତ୍‌ରେ ଗଣନା କରିଛି । କାରଣ ସେ ଏପରି ଶୁଖିଲା ଡାଳ ସଦୃଶ ଅଛି ଯେଉଁଥିରେ ଫଳ ଫଳିବ ନାହିଁ ।"

ପୁଣି କହୁଛନ୍ତି:- "ହେ ସୌଭାଗ୍ୟଶାଳୀ ଲୋକମାନେ ! ତୁମେ ବହୁ କ୍ଷିପ୍ରତାର ସହିତ ଏହି ଶିକ୍ଷାରେ ପ୍ରବେଶ ହୋଇଯାଓ ଯାହା ତୁମର ମୋକ୍ଷପ୍ରାପ୍ତ ପାଇଁ ମୋତେ ଦିଆଯାଇଛି । ତୁମେ ଇଶ୍ୱରଙ୍କୁ ଏକ ଓ ଅଦ୍ୱିତୀୟ ମଣ ଓ ତାହାଙ୍କ ସହିତ କାହାରିକୁ ସମକକ୍ଷ କରନାହିଁ, ନା ଆକାଶରେ ନା ପୃଥିବୀରେ । ଇଶ୍ୱର ତୁମକୁ ସାଧନର ବ୍ୟବହାର କରିବା ପାଇଁ ମନା କରୁନାହାଁନ୍ତି କିନ୍ତୁ ଯେଉଁ ବ୍ୟକ୍ତି ଇଶ୍ୱରଙ୍କୁ ଛାଡି ସାଧନ ଉପରେ ଭରଷା କରିଥାଏ ସେହି ବ୍ୟକ୍ତି ହେଉଛି ମୁଶ୍‌ରିକ୍ (ଅର୍ଥାତ୍ ଇଶ୍ୱରଙ୍କ ସମକକ୍ଷ ଆଉ କାହାକୁ କରୁଥିବା ବ୍ୟକ୍ତି) ଆଦ୍ୟକାଳରୁ ଇଶ୍ୱର ଏକଥା କହିଆସୁଛନ୍ତି ଯେ ହୃଦୟ ପବିତ୍ର ନ ରହିଲେ ମୋକ୍ଷ ମିଳିବ ନାହିଁ ସୁତରାଂ ତୁମେ ହୃଦୟକୁ ପବିତ୍ର କର ଓ ମନର ବିଦ୍ୱେଷଭାବ ଓ କ୍ରୋଧଭାବରୁ ଅଲଗା ହୋଇଯାଓ । ମୁନଷ୍ୟର ନଫ୍‌ସେ ଅମ୍ମାରାଃ (ଅର୍ଥାତ୍ ମନ ଖରାପ ଆଡକୁ ଟାଣୁଥିବା ଅବସ୍ଥା)ରେ କେତେ ପ୍ରକାରର ଖରାପ କଥା ରହିଥାଏ କିନ୍ତୁ ସବୁଠାରୁ ଅଧିକା ଖରାପ କଥା ହେଉଛି ଗର୍ବ ଓ ଅହଂକାର । ଯଦି ଗର୍ବ ଓ ଅହଂକାର ନଥାନ୍ତା ତେବେ କୌଣସି ବ୍ୟକ୍ତି ମଧ୍ୟ କାଫିର୍ ହୋଇନଥାନ୍ତା । ସୁତରାଂ ତୁମେ ହୃଦୟର ଦରିଦ୍ର ହୋଇଯାଓ । ସାଧାରଣତଃ ମାନବଜାତି ସହିତ ସହାନୁଭୁତି ଦେଖାଓ । ଯେବେ କି ତୁମେ ସେମାନଙ୍କୁ ବୈକୁଣ୍ଠ ଦେବା ପାଇଁ ଉପଦେଶ ଦେଉଅଛ । ତେଣୁ ଏହି ଉପଦେଶ ତୁମର କେବେ ଠିକ୍ ହୋଇପାରେ ଯଦି ତୁମେ ଏହି ଅଳ୍ପଦିନିଆ ସଂସାରରେ ସେମାନଙ୍କର ଅମଙ୍ଗଳ ଚାହୁଁଥିବ । ଖୁଦାତାଲାଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା କାର୍ଯ୍ୟକୁ ମନରେ ଭୟ ରଖି ପାଳନ କର କାରଣ ତୁମକୁ ଏ ବିଷୟରେ ପଚରାଯିବ । ନମାଜରେ ବହୁତ ପ୍ରାର୍ଥନା କର ଯଦ୍ୱାରା ଖୁଦା ତୁମକୁ ନିଜ ଆଡକୁ ଟାଟିନେଉ ଓ ତୁମର ମନକୁ ସଫା କରୁ । କାରଣ ମନୁଷ୍ୟ ହେଉଛି ଦୁର୍ବଳ । ପ୍ରତ୍ୟେକ ପ୍ରକାରର କୁକର୍ମ ଯାହା ଦୂର ହୋଇଥାଏ ତାହା କେବଳ ଇଶ୍ୱରଙ୍କ ଶକ୍ତିଦ୍ୱାରା ହିଁ ଦୂର ହୋଇଥାଏ ଓ ଯେପର୍ଯ୍ୟନ୍ତ ମନୁଷ୍ୟ ଇଶ୍ୱରଙ୍କ ଠାରୁ ଶକ୍ତି ନପାଇଛି । ସେ ପର୍ଯ୍ୟନ୍ତ କୌଣସି କୁକାର୍ଯ୍ୟକୁ ଦୂର କରିବା ପାଇଁ ସେ ସମର୍ଥ ହୋଇପାରିବ ନାହିଁ । ଇସ୍‌ଲାମ୍ କେବଳ ଏହା ନୁହେଁ ଯେ ପ୍ରଥାନୁସାରେ ନିଜକୁ କଲ୍‌ମାଗୁ (ଅର୍ଥାତ୍ କଲ୍‌ମା ପଢ଼ିବା ବାଲା) ବୋଲାଓ ବରଂ ଇସ୍‌ଲାମ୍‌ର ବାସ୍ତବିକତା ହେଉଛି ଏହା କି ତୁମର ଆତ୍ମା ଇଶ୍ୱରଙ୍କ ପୀଠରେ ପଡିରହୁ । ଖୁଦା ଏବଂ ତାର ନିର୍ଦ୍ଦେଶାଳବୀ ଗୁଡିକ ପ୍ରତିକ୍ଷେତ୍ରରୁ ତୁମ ସଂସାର ଉପରେ ତୁମକୁ ଅଗ୍ରାଧିକାର ଦେଉ ।"

(ତଜ୍‌କରତୁସ୍ ଶାହାଦତେନ୍, ରୁହାନି ଖଜାଇନ୍, ଖଣ୍ଡ-୨୦, ପୃଷ୍ଠା-୬୩)

ସୁତରାଂ ଏହା ହେଉଛି ସେହି ସ୍ତର ଯାହା ଉପରେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଉତୀର୍ଣ୍ଣ ହେବାପାଇଁ ଚେଷ୍ଟା କରିବା ଉଚିତ୍ । ଓ୍ୱହ୍‌ଦାଦାର୍‌ମାନଙ୍କୁ ମଧ୍ୟ, କାର୍‌କୁନ୍ ମାନଙ୍କୁ ମଧ୍ୟ ଏବଂ ଜମାତ୍‌ର ସଦସ୍ୟମାନଙ୍କୁ ମଧ୍ୟ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ, ଯେଉଁମାନେ ଆପଣଙ୍କ ବୟତରେ ସାମିଲ୍ ଅଛନ୍ତି, ସେମାନଙ୍କୁ ସୌଭାଗ୍ୟଶାଳୀ ବୋଲି କହିଛନ୍ତି । ଆମେମାନେ ଅଲ୍ଲାଃତାଲାଙ୍କ କୃପାରୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜମାତ୍‌ରେ ସାମିଲ୍ ହୋଇଛେ । ଆପଣମାନେ ଯେଉଁମାନେ ମୋ ସମ୍ମୁଖରେ ବସିଛନ୍ତି ସେମାନେ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ସୌଭାଗ୍ୟଶାଳୀ ଥିଲେ । ତେଣୁ ତାଙ୍କ ଉପରେ ଏ କୃପା ହେଲା । ଫଳତଃ ହଜ୍‌ରତ୍

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

# : ଖୁତ୍‌ବା ଈଦୁଲ୍ ଫିତର୍ :

**ଇଦ୍‌ର ଆନନ୍ଦପୂର୍ଣ୍ଣ ଅବସରରେ ପୃଥିବୀର ସମସ୍ତ ଅହେମଦୀମାନଙ୍କୁ ଇଦ୍ ମୁବାରକ (ଶୁଭେଚ୍ଛା)**

**ହୃଦୟସ୍ପର୍ଶୀ ଖୁତ୍‌ବା ଇଦ୍‌ରେ ହଜରତ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ଉପଦେଶାବଳୀ ସନ୍ଦର୍ଭରେ ବାସ୍ତବିକ ଓ ସବୁଠାରୁ ବଡ଼ ଇଦ୍‌ର ଅଦ୍‌ଭୁତ ବର୍ଣ୍ଣନା ଅହେମଦୀମାନଙ୍କୁ ଏହି ବାସ୍ତବିକ ଇଦ୍‌କୁ ହାସଲ କରିବା ପାଇଁ ନିଜ କାର୍ଯ୍ୟକୁ ସୁଧାରିବା ପ୍ରତି ଧ୍ୟାନ ଆକର୍ଷଣ କରାଇ ତବ୍‌ଲିଗ୍ କରିବାକୁ ଅଧିକା ଚେଷ୍ଟା କରିବା ନିମନ୍ତେ ଉପଦେଶ ।**

**ଅସିରାନେ ରାହେ ମୌଲା (ଅର୍ଥାତ୍ ଅଲ୍ଲାଃଙ୍କ ଖାତିର ଜେଲ୍ ଦଣ୍ଡ ଭୋଗୁଥିବା ଅହେମଦୀ), ଶୋହ୍‌ଦାଏ ଅହ୍‌ମଦିୟତଙ୍କ ନିକଟ ସମ୍ପର୍କୀୟ, ସିଲ୍‌ସିଲାର ସେବକମାନେ, ୱାକିଫିନେ ଜିନ୍ଦେଗୀ, ମୁବଲ୍ଲିଗ୍ ସିଲସିଲା, ସବୁ ଅହେମଦୀମାନଙ୍କ ନିମନ୍ତେ ଏବଂ ଇସ୍‌ଲାମ୍ ଧର୍ମାବଲମ୍ବୀ ମାନଙ୍କ ନିମନ୍ତେ ଦୁଆ କରିବା ପାଇଁ ଉପଦେଶ ।**

ଖୁତ୍‌ବା ଈଦୁଲ୍ ଫିତର୍: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
(ପ୍ରଦତ୍ତ: ୦୫ ଜୁନ୍ ୨୦୧୯ ଅନୁଯାୟୀ ୦୫ ଏହ୍‌ସାନ୍ ୧୩୯୮ ହିଜ୍‌ରି ଶମ୍‌ସି)

**ଖୁତ୍‌ବା ଈଦ୍ ର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜରତ ମୁସଲେହ ମଉଦ ର:ଅ ଆଜିଠାରୁ ପ୍ରାୟ ଶହେରୁ ଅଧିକା ବର୍ଷ ପୂର୍ବେ ଇଦ୍ ଅବସରରେ ଗୋଟିଏ ଖୁତ୍‌ବା ପ୍ରଦାନ କରିଥିଲେ । ସେହି ବିଷୟଟି ଆଜିର ସମୟର ହୃଦୟ ବହୁତ ଗୁରୁତ୍ୱପୂର୍ଣ୍ଣ ରହିଛି । ସୁତରାଂ ସେହି ଖୁତ୍‌ବାରୁ ଲାଭ ଉଠାଇ ମୁଁ ଆଜି ଇଦ୍ ସମ୍ବନ୍ଧିୟ କିଛି କଥା କହିବି ।

ମନୁଷ୍ୟର ଏ ଇଚ୍ଛା ହୋଇତାଏ କି ତା'କୁ ଆନନ୍ଦ ମିଳୁ, ଖୁସି ମିଳୁ ଓ ବାରମ୍ବାର ମିଳୁ । ଇଦ୍‌ର ଅର୍ଥ ହେଉଛି ବାରମ୍ବାର ଆସୁଥିବାର । ଇମାମ୍ ରାଗିବ୍ ଲେଖିଛନ୍ତି ଯେ **ଅଲ୍‌ଇଦ** ହେଉଛି ତାହା ଯାହା ବାରମ୍ବାର ପୁନରାବୃତି ହୁଏ । ପୁଣି ଲେଖୁଛନ୍ତି ଯେ ଶରିୟତ୍‌ର ଅର୍ଥରେ ଏହି ଶବ୍ଦଟି ୟୋମୁଲ୍ ଫିତର ଏବଂ ୟୋମୁଲ୍ ଅଜ୍‌ହା ଅବସର ନିମନ୍ତେ କୁହାଯାଇଥାଏ କାରଣ ଶରିୟତ୍ ଅଲସାରେ ଏହି ଦିନଟି ଆନନ୍ଦ ଓ ଖୁସି ନିମନ୍ତେ ଧାର୍ଯ୍ୟ କରାଯାଉଛି ଓ ଖୁସି ନିମନ୍ତେ ଏ ଆଶା ପୋଷଣ କରାଯାଇଥାଏ ଯେ ତାହା ବାରମ୍ବାର ଆସୁ । *(ମଫରୁଜାତ୍ ଇମାମ୍ ରାଗିଦ୍ ଅଓଦ୍ ଶବ୍ଦ ଅନ୍ତର୍ଗତ)*

ହଜରତ ମୁସ୍‌ଲେହ ମଉଦ୍ ର:ଅ ଇଦ୍‌ର ଅର୍ଥକୁ ବର୍ଣ୍ଣନା କରି କହୁଛନ୍ତି ଯେ ଇଦ୍ କ'ଣ ଏବଂ ଖୁସି କଣ ? ସେ କହୁଛନ୍ତି: ଆ ଉପରେ ଯଦି ଆମେ ଚିନ୍ତା କରିବା ତେବେ ଜାଣିବାକୁ ପାଇବା ଯେ ଖୁସି ଅସଲରେ ଇଜ୍‌ତିମା (ଅର୍ଥାତ୍ ଏକତ୍ରିତ ହେବା)ର ନାମ, ଏକାଠି ହେବାର ନାମ ଅଟେ ଏବଂ ସଂସାରରେ ଯେତେ ପ୍ରକାରର ଖୁସି ଅଛି ତାହା ଇଜ୍‌ତିମାରୁ ମିଳିଥାଏ । ସାଧାରଣ ସାମାଜିକ ଜୀବନରେ ଆମେ ଦେଖିବାକୁ ପାଇଥାଉଁ ଯେ ଜଣେ ମନୁଷ୍ୟକୁ ଖୁସି ସେତେବେଳେ ମିଳିଥାଏ ଯେବେ ଲୋକମାନେ ଏକାଠି ହୋଇଥାନ୍ତି ଓ ସେଥି ସକାଶେ ସେ ବଡ ପ୍ରସ୍ତୁତ ହୋଇଥାଏ, ଲୋକମାନଙ୍କୁ ଏକତ୍ରୀତ କରିଥାଏ । ଯେବେ ତା'ର ବିବାହ ହୋଇଥାଏ ସେତେବେଳେ ଖୁସି ହୋଇଥାଏ । ପୁଣି ପିଲା ଯନ୍ମ ହେବା ପରେ ଖୁସି ମାନଏ କାରଣ ବିଭାଘର ପରେ ଏକ ନୂଆ ଆତ୍ମାଟିଏ ଆସି ତାଙ୍କ ସହିତ ମିଶିଯାଏ । ଯମାତ୍‌ରେ ଜଣେ ବଢ଼ିଯାଇଥାନ୍ତି । ସଂସାରରେ ଯେତେ ମାତ୍ରାରେ ଇଜ୍‌ତିମା ଅନୁଷ୍ଠିତ ହୋଇଥାଏ. ତାହା ଖୁସି ଓ ଆନନ୍ଦର କାରଣ ହୋଇଥାଏ । ସଂସାରରେ ସାଧାରଣତଃ ଖୁସିକୁ ପରିପ୍ରକାଶ କରିବାର ଏହି ମାର୍ଗ ରହିଛି ଯେ ଅନେକ ଲୋକ ଗୋଟିଏ ବିଶେଷ ଉତ୍ସବ ପାଳନ କରିବା ନିମନ୍ତେ ଆନନ୍ଦକୁ ପରିପ୍ରକାଶ କରିବା ପାଇଁ ଏକତ୍ରୀତ ହୁଅନ୍ତି । ମେଳା ଇତ୍ୟାଦି ଅବସରରେ ଯେଉଁ ଲୋକମାନେ ଏକାଠି ହୋଇଥାନ୍ତି, ସେମାନେ ମଧ୍ୟ ଏଥିପାଇଁ ହୋଇଥାଆନ୍ତି ଯେ ମେଳାକୁ ଯାଇ ମଉଜ ମଜ୍‌ଲିସ୍ କରିବେ । କେବେ ଏପରି ହୁଏନାହିଁ ଯେ, ମଣିଷ ଲୁଚି ବୁଲୁଥାଏ, କାହା ପାଖରେ ବସେ ନାହିଁ । ଜଙ୍ଗଲକୁ ଚାଲିଯାଏ, ଯେବେ ତାକୁ ପଚରାଯାଏ କି ତୁମେ ଏପରି କାହିଁକି କରୁଛ ? ସେ ଉତର ଦେଉଥିବ ଯେ ମୁଁ ଖୁସି ହେଉଛି । ଆଜି ମୋର ଈଦ୍ ପାଳନ ହେଉଛି । କୌଣସି ଦେଶ, କୌଣସି ଇଲାକା ଏବଂ କୌଣସି ଜାତିରେ ଏପରି ଖୁସି ଓ ଏପରି ଈଦ୍ ପାଳନ କରାଯାଏ ନାହିଁ । ଯେଉଁଠି ଲୋକମାନେ ଈଦ୍ ନିମନ୍ତେ ଓ ଆନନ୍ଦ ଉତ୍ସବ ପାଳନ କରିବା ପାଇଁ ଜଣେ ଅନ୍ୟ ଜଣକ ଠାରୁ ଲୁଚୁ ଥିବ ଓ ଦୂରେଇ ରହୁଥିବ ବରଂ ପ୍ରତ୍ୟେକ ଜାତିର ଈଦ୍ ଏପରି ହୋଇଥାଏ ଯେ ଲୋକମାନେ ଏକାଠି ହୋଇ ଆନନ୍ଦ ଉତ୍ସବ ପାଳନ କରିଥାନ୍ତି ହଁ ଯେଉଁ ଲୋକମାନେ ନିଜର ଦୁଃଖ ପିଡ଼ାକୁ ବଢ଼ାଇବା ପାଇଁ ଚାହିଁଥାନ୍ତି ସେମାନଙ୍କର ଏପରି ଶୈଳୀ ହୋଇଥାଏ ଯେ, ସେମାନେ ଅନ୍ୟମାନଙ୍କଠାରୁ ଦୁରେଇ ରହିବା ପାଇଁ ଚେଷ୍ଟା କରିଥାନ୍ତି । ଡ଼ିପ୍ରେସନ୍‌ରେ ଥିବା ରୋଗି ମାନଙ୍କୁ ମଧ୍ୟ ଆମେ ଦେଖିଥାଉଁ ଯେ, ସେମାନଙ୍କର ଏପରି ଅବସ୍ଥା ଏପରି ହୋଇଥାଏ ହଁ ଯେଉଁମାନେ ନିଜର ଦୁଃଖକୁ ଦୂର କରିବାକୁ ଚାହୁଁଥାନ୍ତି ଓ କଷ୍ଟକୁ ନିବାରଣ କରିବାକୁ ଚାହୁଁଥାନ୍ତି ସେମାନେ ମଜ୍‌ଲିସ୍‌ରେ ମଧ୍ୟ ବସିଥାନ୍ତି ଓ ଲୋକମାନଙ୍କ ସହିତ ମିଳାମିଶା ମଧ୍ୟ କରିଥାନ୍ତି । ସାଧାରଣତଃ ଏପରି ରୋଗୀ ଯିଏ ଏକାନ୍ତରେ ରହିବାକୁ ଚାହିଁଥାନ୍ତି ସେମାନଙ୍କୁ ଡ଼ାକ୍ତର ମଧ୍ୟ ଏହି ଉପେଦଶ ଦେଇଥାନ୍ତି ଯେ, ଲୋକଙ୍କ ମଧ୍ୟରେ ବସବାସ କର, ବାହାରକୁ ବାହାରି ସୋସିୟାଲାଇଜ୍ ହୁଅ । ସୁତରାଂ ଏହି ପରି ଏକାନ୍ତକୁ ପସନ୍ଦ କରୁଥିବା ଲୋକମାନଙ୍କ ଘରେ ଯଦି କିଏ ମରିଯାଏ ତେବେ ଯେତେବେଳେ ନିକଟ ସମ୍ପର୍କୀୟ ଲୋକେ ସେମାନଙ୍କୁ ସମବେଦନା ଜଣାଇବାକୁ ଯାଇଥାନ୍ତି ସେତେବେଳେ ସେମାନେ କହିଥାନ୍ତି ମତେ ଏକାନ୍ତରେ ଛାଡ଼ି ଦିଅ ମୋ ଠାରୁ ଟିକେ ଦୂରେଇ ରୁହ ଏହା ଦ୍ୱାରା ଏକାନ୍ତରେ ତାକୁ ଦୁଃଖ ପ୍ରକାଶ କରିବାର ସଠିକ ଅବସର ମିଳିଥାଏ ଓ ସେ ମନ ଭିତରେ ଥିବା ଦୁଃଖକୁ ସହଜରେ ବାହାର କରିପାରିଥାଏ । ସାଧାରଣ ଲୋକମାନଙ୍କ ମଧ୍ୟରେ ଅନେକ ଏପରି ପ୍ରକୃତିର ମଧ୍ୟ ଅଛନ୍ତି ଯେଉଁମାନେ ଲୋକମାନଙ୍କ ସମ୍ମୁଖରେ ନିଜର ଦୁଃଖକୁ ପ୍ରକାଶ କରିପାରନ୍ତି ନାହିଁ ସେମାନେ ଅଲଗା ହୋଇ ଏକାନ୍ତରେ ନିଜର ଦୁଃଖକୁ ପ୍ରକାଶ କରିଥାନ୍ତି । ଏପରି ଲୋକଙ୍କ ଘରେ ଯଦି ପୁତ୍ର ଜନ୍ମ ହୁଏ ଓ ଲୋକମାନେ ତା ଘରେ ଏକାଠି ହୁଅନ୍ତି ସେ ଏକଥା କେବେ କୁହେନାହିଁ ଯେ ତୁମେ ମାନେ ମୋ ଠାରୁ ଦୁରେଇ ରୁହ ଓ ଏକୁଟିଆ ରହିବାକୁ ଦିଅ କାରଣ ତୁମେ ମାନେ ଏଠାରେ ଏକତ୍ରିତ ହେବା ଯୋଗୁଁ ମୋ ମନ ବ୍ୟତିବ୍ୟସ୍ତ ହେଉଅଛି ବରଂ ସେ ତ ଏହାର ବିପରୀତ ଲୋକମାନଙ୍କୁ ଡ଼ାକିଆଣି ଏକତ୍ରୀତ କରିବ ଓ ଯେତେ ସଂଖ୍ୟକ ଲୋକ ତା ଘରକୁ ଆସିବେ ସେ ସେତିକି ଖୁସି ହୋଇ ଚାଲିବ ଓ ସମସ୍ତଙ୍କ ସହିତ ଖୁସି ହୋଇ ମିଳାମିଶା କରିବ ।

ସେହିପରି ବିଭାଘର ସମୟରେ ଯେତେ ଲୋକ ତା ଘରକୁ ଆସିବେ ତାକୁ ଆନନ୍ଦ ମିଳିଥାଏ । ସୁତରାଂ ଦୁଃଖ ପ୍ରକାଶ କରିବାକୁ ହେଲେ ଏକାନ୍ତକୁ ବଛା ଯାଇଥାଏ ଓ ଖୁସୀର ପରିପ୍ରକାଶ ପାଇଁ ଇଜ୍‌ତିମା ଅର୍ଥାତ୍ ସାମୁହିକକୁ ପସନ୍ଦ କରାଯାଇଥାଏ । ଏ କଥାକୁ ଅଲ୍ଲାଃ ତାଲା ମନୁଷ୍ୟର ପ୍ରକୃତି ମଧ୍ୟରେ ରଖିଦେଇଛି ଯେ, ଯେତେବେଳେ ତାକୁ ଖୁସି ଅନୁଭବ ହେବ ସେ ଅନ୍ୟ ମାନଙ୍କ ସହିତ ମିଶି ଖୁସି ହାସଲ କରିବ । ହଁ ଏ ପୃଥିବୀରେ କିଛି ଜିନିଷ ହାସଲ କିରବା ପାଇଁ ଆଜିକାଲି ଜଲ୍‌ସା ଜଲୁସ୍ ଇତ୍ୟାଦି ସମାଗକ ହେଉଅଛି । ତାହା ମଧ୍ୟ ଏଥିପାଇଁ ହେଉଛି ଯେ ଆମକୁ ଦୁଃଖ କଷ୍ଟରୁ ସ୍ୱାଧୀନତା ମିଳୁ ଓ ରୋଷ ରାଗ ଏଥିଯୋଗୁଁ ହେଉଛି ଯେ ତା ପ୍ରତିବଦଳରେ ଆମକୁ ଖୁସି ମିଳୁ ତେବେ ଉଦ୍ଦେଶ୍ୟ ସେମାନଙ୍କର ଏହା ହିଁ ହୋଇଥାଏ ତେଣୁ ଆନନ୍ତ ଓ ଇଜ୍‌ତିମା (ଅର୍ଥାତ୍ ଲୋକସମାଗମ) ଦୁଇଟି ଯାକ ହେଉଛନ୍ତି ପରିପୂରକ । ଇସ୍‌ଲାମ ଯେ ହେତୁ ଏକ ପ୍ରାକୃତିକ ଧର୍ମ ସେଥିପାଇଁ ସେ ଇଦ୍‌ର ଅବସରରେ ଆନନ୍ଦର ଅବସର ସୃଷ୍ଟି କରିଛନ୍ତି ମୁସଲମାନ ମାନଙ୍କୁ ଏକାଠି ହେବା ପାଇଁ ନିର୍ଦ୍ଦେଶ ଦେଇଛି । କେବଳ ଗୋଟିଏ ସ୍ଥାନର ନିକଟ ସମ୍ପର୍କୀୟ ଲୋକମାନେ ନୁହେଁ ବରଂ ସାରା ଇଲାକାର ଲୋକମାନେ ଈଦ୍ ଅବସରରେ ଈଦ୍‌ଘା ଠାରେ ଏକାଠି ହୋଇଥାନ୍ତି ଓ ଇଦ୍‌ର ଆନନ୍ଦ ପାଳନ କରିଥାନ୍ତି । ସୁତରାଂ ଏହି ଦୃଷ୍ଟିକୋଣରୁ ଯେବେ ଆମେ ଦେଖୁଛେ ତେବେ ସ୍ପଷ୍ଟ ହେଉଛି ଯେ, ଖୁସି ବାସ୍ତବରେ ଏକାଠି ହେବାର ଗୋଟିଏ ନାମ ଓ ଦୃଷ୍ଟିକୋଣରୁ ଈଦ୍ ହେଉଛି ଏକତ୍ରିତ ହେବାର ନାମ ସବୁଠାରୁ ବଡ଼ ଈଦ୍ ତାହା ହୋଇପାରିବ ଯେଉଁଥିରେ ସବୁଠାରୁ ବଡ଼ ଇଜ୍‌ତିମା (ଜନ ସମାଗମ) ହେବ ଏବଂ ଏପରି ସବୁଠାରୁ ବଡ଼ ଇଜ୍‌ତିମାର ମୁଳଦୁଆ କେବେ ପଡ଼ିଥିଲା ଯାହା ଯୋଗୁଁ ସବୁଠାରୁ ବଡ଼ ଈଦ୍ ର ଅବସର ସୃଷ୍ଟି ହେଲା ? ତାହା ସେତେବେଳେ ହେଲା ଯେତେବେଳେ ଅଲ୍ଲାଃ ତାଲାଙ୍କ ଜଣେ ପ୍ରିୟ ଭକ୍ତ ସମଗ୍ର ସଂସାରକୁ ଆହ୍ୱାନ ଦେଇ କହିଲା ଯେ, ***କୁଲ୍ ୟା ଅୟୋହନ୍ ନାସୁ ଇନ୍ନି ରସୁଲୁଲ୍ଲାହି ଇଲୈକୁମ୍ ଜମିୟା*** *(ଆରାଫ୍: ୧୫୯)* ଅର୍ଥାତ୍ ହେ ଲୋକମାନେ ! ନିଶ୍ଚିତ ରୂପେ ମୁଁ ତୁମ ସମସ୍ତଙ୍କ ନିମନ୍ତେ ଅଲ୍ଲାଃଙ୍କ ରସୁଲ୍ (ପ୍ରେରିତ ଦୂତ) ଅଟେ ।

ଏ ସଂସାର ଅନେକ ଗୁଡ଼ିଏ ଛୋଟ ଛୋଟ ଈଦ୍ ଦେଖିଛି । ହଜରତ ମୁସା ଆ:ସଙ୍କ ସମୟରେ ମଧ୍ୟ ଈଦ୍ ହୋଇଛି । ହଜରତ ଦାଉଦ୍ ଆ:ସଙ୍କ ସମୟରେ ମଧ୍ୟ ଈଦ୍ ହୋଇଛି ।

ହଜରତ ମସିହ ଓ ସମସ୍ତ ଅବତାରମାନଙ୍କ ସମୟରେ ମଧ୍ୟ ଈଦ୍ ହୋଇଛି କିନ୍ତୁ ଏହି ସବୁ ଈଦ୍ ସେହି ସବୁ ଇଲାକାରେ ଅନୁଷ୍ଠିତ ହୋଇଥିଲା ଯେଉଁଠାରେ ଏହି ନବୀମାନେ ଜନ୍ମ ହୋଇଥିଲେ ବା ଯେଉଁ ଜାତିରେ ଏମାନେ ପ୍ରକଠ ହୋଇଥିଲେ । ତେଣୁ ଏହା ସବୁ ଛୋଟିଆ ଛୋଟିଆ ଈଦ୍ ଥିଲା କିନ୍ତୁ ଆଦମ୍ ଆ:ସଙ୍କ ଠାରୁ ନେଇ ଏ ପର୍ଯ୍ୟନ୍ତ ଯଦି ସଂସାରରେ କୌଣସି ବଡ଼ ଈଦ୍ ଅନୁଷ୍ଠିତ ହୋଇଛି ତେବେ ତାହା ହେଉଛି ସେହି ଈଦ୍ ଯେତେବେଳେ ଅଲ୍ଲାଃ ତାଲା ନିଜର ଜଣେ ଅତ୍ୟନ୍ତ ପ୍ରୀୟତମ ପାତ୍ରକୁ କହିଲେ ଯେ, ତୁମେ ନିଜ ଜରିଆରେ ସମଗ୍ର ସଂସାରକୁ ଗୋଟିଏ ସ୍ଥାନରେ ଏକାଠି କର ସୁତରାଂ ତାହା ବଡ଼ ଈଦ୍ ଥିଲା ଯେଉଁଥିରେ ଖୁଦାତାଲା ନିଜର ବିଶେଷ ବାଣୀ ଜରିଆରେ ସମଗ୍ର ସଂସାରକୁ ଗୋଟିଏ ସ୍ଥାନରେ ଏକାଠି ହେବା ପାଇଁ ନିର୍ଦ୍ଦେଶ ଦେଲେ, ନିଜର ପ୍ରୀୟତମଙ୍କ ମାରଫତ୍‌ରେ ନିର୍ଦ୍ଦେଶ ଦେଲେ ସାରା ଦୁନିଆକୁ କହିଦେଲେ ଯେ, ତାଙ୍କ ସହିତ ଏକାଠି ହୋଇଯାଅ । ଏଥିରେ କୌଣସି ଜାତି, ଦେଶ ଏବଂ କୌଣସି ଇଲାକାର ସର୍ତ୍ତ ରଖାଯାଇ ନାହିଁ । ସେ ମିଶରିୟ ହୁଅନ୍ତୁ, ଚୀନୀ ହୁଅନ୍ତୁ, ଇରାନୀ, ଆରବିୟ, ୟୁରୋପୀୟ, ଆମେରିକୀୟ, ଉପଦ୍ୱୀପରେ ରହୁଥିବା ଲୋକେ ଅଥବା ଯେ କେହି ହୁଅନ୍ତୁ ସମସ୍ତେ ଏକାଠି ହୋଇପାରିବେ କାରଣ ଏବେ ଏ କଥା କୁହାଯିବ ନାହିଁ ଯେ, ମୁଁ ନିଜର ମୋତିକୁ ଘୁଷୁରୀମାନଙ୍କ ଆଗରେ ପକାଇବି ନାହିଁ ନା ଏକଥା କୁହାଯିବ ଯେ, ମୁଁ ନିଜର ରୋଟିକୁ କୁକୁରଙ୍କ ସମ୍ମୁଖରେ ପକାଇବି ନାହିଁ । ହଜରତ ମସିହ (ନାସରି)ଙ୍କ ଆସିବା ସମୟରେ ମଧ୍ୟ ଈଦ୍ ହୋଇଥିଲା କିନ୍ତୁ ସେହି ଈଦ୍ କେବଳ ତାଙ୍କ ଜାତିଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ଯଦି ସେ ଅନ୍ୟକୁ ଖାଇବା ପାଇଁ ଦେଇଥାନ୍ତେ ତେବେ ପୁଣି ତାଙ୍କ ଜାତି କ'ଣ ଖାଇଥାନ୍ତା, ତାଙ୍କର ଈଦ୍ କିପରି ହୋଇଥାନ୍ତା । ତେଣୁ ହଜରତ ମସିହ କହିଲେ ଯେ, ମୁଁ ଇସ୍‌ରାଇଲୀୟଙ୍କ ହଜି ଯାଇଥିବା ମେଣ୍ଢାଙ୍କ ବ୍ୟତିତ ଆଉ କାହା ପାଇଁ ପ୍ରେରଣ ହୋଇନାହିଁ ତେଣୁ ସେ କେବଳ ଇସ୍‌ରାଇଲୀୟଙ୍କ ପାଇଁ ଆସିଥିଲେ ତେଣୁ ସେହି ଈଦ୍ ତାଙ୍କ ପାଇଁ ଥିଲା । କିନ୍ତୁ ରସୁଲେ କରିମ୍ ସ:ଆ:ସଙ୍କୁ ଯେତେବେଳେ ଖୁଦାତାଲା ପ୍ରେରଣ କଲେ ସେତେବେଳେ ତାଙ୍କ ସହିତ ଏତେ ଭଣ୍ଡାର ଦେଇ ପଠାଇଲେ ଯେ, ସେଥିରୁ ଯିଏ ଯେତେ ମାତ୍ରାରେ ଖର୍ଚ୍ଚ କରୁ ମଧ୍ୟ କିଛି କମ୍ ହେବ ନାହିଁ । ସେଥିପାଇଁ ଖୁଦାତାଲା ଆପଣ ସ:ଆ:ସଙ୍କୁ କହିଲେ ଯେ ତୁମକୁ ଯିଏ ମାଗୁଛି ତାକୁ ଦିଅ ବରଂ ଏ ସଂସାରକୁ ଡ଼ାକି ଡ଼ାକି କୁହ ଯେ ଆସ ତୁମକୁ ଯାହା କିଛି ଆବଶ୍ୟକ ଅଛି ମୁଁ ତୁମକୁ ତାହା ଦେବି । ସୁତରାଂ ଅଲ୍ଲାଃ ତାଲା ଆପଣ ସ:ଆଙ୍କୁ କହିଲେ ଯେ, ***ୱ ଅମ୍ମା ବେନେମତେ ରବ୍ବିକା ଫହଦ୍ଦିସ୍*** । (ଯୁହା: ୧୨) ଅର୍ଥାତ୍ ତୁମେ ଲୋକମାନଙ୍କ ସମ୍ମୁଖରେ ଖୁଦାତାଲାଙ୍କ ବୈଭବକୁ ବର୍ଣ୍ଣନା କର ଯଦ୍ୱାରା ସେମାନେ ମଧ୍ୟ ଏହି ଉକ୍ତ ବୈଭବରୁ ଲାଭ ଉଠାନ୍ତୁ । ହଜରତ ମସିହ ଜଣେ ମହିଳା ମାଗିବାରେ ଏ କଥା କହିଥିଲେ ଯେ, ଏହା ଉଚିତ ନୁହେଁ କି ପୁଅ ମାନଙ୍କର ରୋଟିକୁ ନେଇ କୁକୁର ଆଗରେ ଫିଙ୍ଗି ଦିଆଯିବ କିନ୍ତୁ ଆଁ ହଜରତ ସ:ଆ:ସଙ୍କୁ ଅଲ୍ଲାଃ ତାଲା ଏ କଥା କହୁଛନ୍ତି ଯେ, ତୁମକୁ ଯିଏ ମାଗିବ ତାକୁ ନିଶ୍ଚିତରୂପେ ପ୍ରଦାନ କରିବା ହେଉଛି ତୁମ କର୍ତବ୍ୟ । ସୁତରାଂ ଅଲ୍ଲାଃ ତାଲା କହୁଛନ୍ତି ***ୱ ଅମ୍ମସ୍ ସାଇଲା ଫଲା ତନହର୍*** (ଯୁହା: ୧୧) ଅର୍ଥାତ୍ ଭିକ୍ଷୁକଙ୍କୁ ତୁମେ ଭତ୍ସନା କରନାହିଁ ଓ ତାଙ୍କୁ ନିଶ୍ଚିତ ରୂପେ ପ୍ରଦାନ କର ବରଂ ଯେପରି କି ପୂର୍ବରୁ ବତାଯାଇଛି ***ୱ ଅମ୍ମା ବେନେମତେ ରବ୍ବିକା ଫହଦ୍ଦିସ୍*** ଅର୍ଥାତ୍ ଲୋକମାନଙ୍କୁ ଡ଼ାକି ଡ଼ାକି ଏହି ପୁରସ୍କାରକୁ ଦିଅ ଘୋଷଣା କରି ଦିଅଯେ, ଖୁଦାତାଲା ମୋତେ ଏହି ବୈଭବ ପ୍ରଦାନ କରିଛନ୍ତି ତେଣୁ ତୁମେ ମଧ୍ୟ ଆସି ସେଥିରେ ଭାଗିଦାର ହୁଅ ।

ସୁତରାଂ ଆପଣ ସ:ଆ:ସଙ୍କୁ ଅନ୍ୟ ଅବତାରମାନଙ୍କ ମଧ୍ୟରେ ଏପରି ଶ୍ରେଷ୍ଠତ୍ୱ ମିଳିଛି । ପୂର୍ବରୁ ଆସିଥିବା ଅବତରାମାନଙ୍କ ନିକଟକୁ ଯଦି କୌଣସି ଅନ୍ୟ ଜାତିର ଭିକ୍ଷୁ ଆସି ମାଗିଥାଏ ତେବେ ସେମାନେ ତାଙ୍କୁ କହୁଥିଲେ ଯେ, ଆମ ନିକଟରେ ଯାହା କିଛି ଅଛି ତାହା କେବଳ ଆମ ଜାତି ପାଇଁ ଉଦ୍ଦିଷ୍ଟ ତେଣୁ ତୁମକୁ ଆମେ କିଛି ଦେଇ ପାରିବୁ ନାହିଁ । କିନ୍ତୁ ଆଁ ହଜରତ ସ:ଆ:ସଙ୍କୁ ଯେଉଁ ସମ୍ପତି ଦିଆଯାଇଛି ତାକୁ ପ୍ରଦାନ କରିବା ସମ୍ବନ୍ଧରେ ନା କେବଳ ଏକଥା କୁହାଯାଇଛି କି, ତୁମେ ଭିକ୍ଷୁମାନଙ୍କୁ ଭତ୍ସନା କରନାହିଁ ବରଂ ଏ ନିର୍ଦ୍ଦେଶ ଦିଆଯାଇଛି ଯେ, ଘରେ ଘରେ ଯାଇ ତାହାକୁ ଦିଅ । ସୁତରାଂ ଆପଣ ସ:ଆ:ସ ଆଧ୍ୟାତ୍ମିକ ସମ୍ପତିକୁ ମଧ୍ୟ ଘରେ ଘରେ ଯାଇ ବାଂଟିଲେ ଓ ସାଂସାରିକ ସମ୍ପତିକୁ ମଧ୍ୟ ଘରେ ଘରେ ଯାଇ ବାଂଟିଲେ ବରଂ କୟାମତ ପର୍ଯ୍ୟନ୍ତ ବାଂଟିଚାଲିବା ନିମନ୍ତେ ଆଧ୍ୟାତ୍ମିକ ଭଣ୍ଡାର ଛାଡ଼ି ଯାଇଛନ୍ତି । ସୁତରାଂ ଆପଣ ସ:ଆ:ସଙ୍କ ଆବିର୍ଭାବ ହେବା ନିଶ୍ଚିତ ରୂପେ ସବୁଠାରୁ ବଡ଼ ଈଦ୍ ର ଦିବସ ଥିଲା । ଆପଣ ସ:ଆ:ସଙ୍କ ଜରିଆରେ ଜ୍ଞାନ ସମ୍ପୂର୍ଣ୍ଣ ହେଲା, ଶରିୟତ୍ (ଧର୍ମ ବିଧାନ) ସମ୍ପୂର୍ଣ୍ଣ ହେଲା ସ ଆପଣ ସ:ଆ:ସ ଖାତ୍‌ମୁନ୍ ନବିଇନ୍ ର ଉଚ୍ଚତମ ପଦମର୍ଯ୍ୟାଦା ସହିତ ଏ ସଂସାରରେ ପ୍ରକଟ ହେଲେ ।

ପୁଣି ଆଉ ଗୋଟିଏ ଈଦ୍ ର ଦିବସ ତାହା ଥିଲା ଯେବେ ଅଲ୍ଲାଃ ତାଲା ଆଁ ହଜରତ ସ:ଆ:ସଙ୍କ ଦାଶତ୍ୱରେ ହଜରତ ମସିହ ମଉଦ ଆ:ସଙ୍କୁ ପ୍ରେରଣ କରି ତବ୍‌ଲିଗ୍‌କୁ ପୂର୍ଣ୍ଣ କଲେ ଓ ଧର୍ମର ପ୍ରଚାରପ୍ରସାରର ଦାୟିତ୍ୱ ନେଲେ । ଅଲ୍ଲାଃ ତାଲା ହଜରତ ମସିହ ମଉଦ ଆ:ସଙ୍କୁ ପ୍ରେରଣ କରି ସ୍ୱୟମଂ ଏ ଦାୟିତ୍ୱ ବହନ କଲେ । ଫଳତଃ ସେହି ଦିନଟି ଆସିଲା ଯେବେ ***ଲିୟୁଜ୍‌ହିରହୁ ଅଲ୍‌ଦ୍‌ଦୀନେ କୁଲ୍‌ଲିହି*** (ତୌବା: ୩୩) ହେବା ଧାର୍ଯ୍ୟ କରାଯାଇଥିଲା । ନିଶ୍ଚିତ ରୂପେ ଇସ୍‌ଲାମୀୟ ଶରିୟତ୍‌ର ସମ୍ପୁର୍ଣ୍ଣତା ରସୁଲେ କରିମ ସ:ଆ:ସଙ୍କ ଜରିଆରେ ହେଲା । ତାଙ୍କର ଆସିବାରେ ସାରା ଦୁନିଆକୁ କୁହାଗଲା ଯେ ଏବେ ଏପରି ଜଣେ ନବୀ ଆବିର୍ଭାବ ହୋଇଛନ୍ତି ଯାହାଙ୍କ ସହିତ ବିପୁଳ ଭଣ୍ଡାର ରହିଛି ତେଣୁ ତୁମେ ତାଙ୍କ ମିଶି ଯାହା କିଛି ପାରୁଛ ନେଇ ଯାଅ *(ଖୁତ୍‌ବାତେ ମେହମୁଦ୍ ଖଣ୍ଡ-୧, ପୃ-୨୭ ରୁ ୩୦, ଖୁତ୍‌ବା ଈଦ୍ ପ୍ରଦତ ୦୨ ଅଗଷ୍ଟ ୧୯୧୬)*

ହଜରତ ମସିହ ମଉଦ ଆ:ସ ଏ କଥାର ସ୍ପଷ୍ଟୀକରଣ ଦେଇ ଗୋଟିଏ ସ୍ଥାନରେ କହୁଛନ୍ତି ଯେ,''ଖୁଦାତାଲା ଆମ ନବୀ ସ:ଆ:ସ ସୟଦନା ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ଏ ପୃଥିବୀରେ ପ୍ରେରଣ କଲେ ଯଦ୍ୱାରା ତାଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ପବିତ୍ର କୋରାନ୍‌ର ଶିକ୍ଷା ମାଧ୍ୟମରେ ଏ ସଂସାରର ସମସ୍ତ ଭିନ୍ନ ଭିନ୍ନ ଜାତିମାନଙ୍କୁ ଗୋଟିଏ ଜାତିରେ ପରିଣତ କରାଯାଇପାରିବ । ଯେପରି ଈଶ୍ୱର ହେଉଛନ୍ତି ଏକ ଓ ଅଦ୍ୱିତୀୟ ସେହିପରି ଉକ୍ତ ଜାତିମାନଙ୍କ ମଧ୍ୟରେ ଏକତା ସୃଷ୍ଟି କରୁ ଫଳତଃ ସେମାନେ ସମସ୍ତେ ମିଳିମିଶି ଏକ ଅସ୍ତିତ୍ୱ ସଦୃଶ ନିଜର ଈଶ୍ୱରଙ୍କୁ ସ୍ମରଣ କରନ୍ତୁ ଓ ତାହାଙ୍କ ଏକତ୍ୱ ସାକ୍ଷି ଦିଅନ୍ତୁ ଯଦ୍ୱାରା ଯେଉଁଭଳି ପୂର୍ବେ ସମସ୍ତ ଜାତି ଏକାଠି ହୋଇଥିଲେ ଅର୍ଥାତ୍ ଆଁ ହଜରତ ସ:ଆ:ସଙ୍କ ଜରିଆରେ ଏକାଠି ହୋଇଥିଲେ ସେହିଭଳି ଐକ୍ୟଭାବ ଏବେ ମଧ୍ୟ ସୃଷ୍ଟି ହେଉ । ଏହି ଦୁଇ ପ୍ରକାରର ଏକତ୍ୱ ଉପରେ ଦୁଇ ଦୁଇଟି ସାକ୍ଷ୍ୟ ରହୁ କାରଣ ଈଶ୍ୱର ହେଉଛନ୍ତି ଏକ ସେଥିପାଇଁ ସେ ନିଜର ସମସ୍ତ ବ୍ୟବସ୍ଥା ତାହା ଭୌତିକ ହେଉ ବା ଆଧ୍ୟାତ୍ମିକ, ଏହି ଦୁଇଟିରେ ସେ ଏକତା ରକ୍ଷା କରିଥାଏ ଏବଂ ଯେ ହେତୁ ଆଁ ହଜରତ ସ:ଆ:ସଙ୍କ ନବୁଓ୍ୱତ ର ଯୁଗ କୟାମତ ପର୍ଯ୍ୟନ୍ତ ଲମ୍ବିଛି ଓ ଆପଣ ସ:ଆ:ସ ହେଉଛନ୍ତି ଖାତମୁଲ୍ ଅମ୍ବିୟା (ଅର୍ଥାତ୍ ନବୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ନବୀ) ତେଣୁ ଖୁଦାତାଲା ଏ କଥା ଚାହିଁଲେ ନାହିଁ ଯେ, ସମସ୍ତ ଜାତିର ଏକତା ଆଁ ହଜରତ ସ:ଆ:ସଙ୍କ ଜୀବଦସାରେ ହିଁ ପୂର୍ଣ୍ଣ ହୋଇଯାଉ କାରଣ ଏପରି ଅବସ୍ଥାରେ ଆପଣ ସ:ଆ:ସଙ୍କ ଯୁଗ ଶେଷ ହୋଇଯାଉଥିବାର ପ୍ରମାଣ ହୋଇଥାନ୍ତା । ଅର୍ଥାତ୍ ଏ ଆଶଙ୍କା ଉପୁଜି ଥାନ୍ତା ଯେ, ଆପଣଙ୍କ ଯୁଗ ଆପଣଙ୍କ ଜୀବଦସାରେ ହିଁ ଶେଷ ହୋଇଗଲା କାରଣ ଆପଣ ସ:ଆ:ସଙ୍କ ଯେଉଁ ଶେଷ କାର୍ଯ୍ୟଥିଲା ତାହା ସେହି ଯୁଗରେ ହିଁ ସମ୍ପାଦନ ହୋଇଗଲା ତେଣୁ ଖୁଦାତାଲା ସେହି କାର୍ଯ୍ୟକୁ ସମ୍ପୁର୍ଣ୍ଣତା ଯାହା ସମଗ୍ର ଜାତି ସମୂହ ଗୋଟିଏ ଜାତି ହୋଇଯିବେ ଓ ଗୋଟିଏ ଧର୍ମ ହୋଇଯିବେ, ତାହାକୁ ମୁହମ୍ମଦଙ୍କ ଯୁଗର ଶେଷ ଭାଗରେ ରଖିଦେଲେ । ଓ ତାହା ହେଉଛି କୟାମତର ନିକଟତର ସମୟ ଓ ତାହାକୁ ସମ୍ପୁର୍ଣ୍ଣ କରିବା ପାଇଁ ଏହି ଉମ୍ମତରେ ଜଣେ ସହାୟକ ନିୟୋଜିତ କଲେ । ଯିଏ ମସିହ ମଉଦ ନାମରେ ନାମିତ ଓ ତାହାଙ୍କ ନାମ ଖାତମୁଲ୍ ଖୁଲଫା ରଖାଯାଇଛି । ସୁତରାଂ ମୁହମ୍ମଦଙ୍କ ଯୁଗର ପ୍ରାରମ୍ଭରେ ଆଁ ହଜରତ ସ:ଆ:ସ ଥିଲେ ଓ ଶେଷରେ ମସିହ ମଉଦ । ଓ ଏକତା ନିଶ୍ଚିତ ଥିଲା ଯେ ଏହି ଶିଲ୍‌ଶିଲା ସେ ପର୍ଯ୍ୟନ୍ତ ସଂସାରରୁ ବିଚ୍ଛିନ୍ନ ହେବ ନାହିଁ ଯେ ପର୍ଯ୍ୟନ୍ତ ସେ ଜନ୍ମ ହୋଇନାହାନ୍ତି ।'' ଅର୍ଥାତ୍ ମସିହ ମଉଦ । ''କାରଣ ଆନ୍ତର୍ଜାତିୟ ଏକତା ର ସେବା ସେହି ନାଏବୁନ୍ ନବୁଓ୍ୱତ (ଅର୍ଥାତ୍ ନବୀ ସ:ଆ:ସଙ୍କ ସହାୟକ)ଙ୍କ ପଦବୀ ସହିତ ଯୋଡ଼ି ଦିଆଯାଇଛି ଓ ତା ପ୍ରତି ଏହି ଆୟତଟି ଇସାରା କରୁଛି । ***ହୁ ଅଲ୍ ଲଜି ଅରସଲା ରସୁଲହୁ ବିଲ୍‌ହୁଦା ୱଦିନିଲ୍ ହକି ଲୟୁଜ୍‌ହିରହୁ ଅଲଦ୍‌ଦିନେ କୁଲ୍ଲିହି*** (ସଫ୍:୧୦) ଅର୍ଥାତ୍ ଈଶ୍ୱର ହେଉଛନ୍ତି ସେହି ଈଶ୍ୱର ଯିଏ ନିଜ ରସୁଲଙ୍କୁ ଗୋଟିଏ ପୂର୍ଣ୍ଣ ହିଦାୟତ ଏବଂ ସଚ୍ଚା ଦୀନ୍ ସହିତ ପ୍ରେରଣ କଲେ ଯଦ୍ୱାରା ତାଙ୍କୁ ପ୍ରତ୍ୟେକ ପ୍ରକାର ଧର୍ମ ଉପରେ ବିଜୟ ପ୍ରଦାନ କରିବେ ଅର୍ଥାତ୍ ଏକ ବିଶ୍ୱବ୍ୟାପୀ ବିଜୟ ତାଙ୍କୁ ପ୍ରଦାନ କରିବେ ଏବଂ ଯେହେତୁ ସେହି ବିଶ୍ୱ ବିଜୟ ଆଁ ହଜରତ ସ:ଆ:ସଙ୍କ ଯୁଗରେ ପ୍ରକାଶ ହୋଇନାହିଁ ଏବଂ ସମ୍ଭବ ନୁହେଁ ଯେ, ଖୁଦାତାଲାଙ୍କ ଭବିଷ୍ୟବାଣୀରେ କିଛି ପରିବର୍ତନ ହେବ'' । କୌଣସି ପ୍ରକାରର ମତଭେଦ ହେବ ବା ଦୁର୍ବଳତା ଦେଖାଯିବ ''ସେଥିପାଇଁ ଏହି ଆୟତ ବାବଦରେ ସେହି ସବୁ ଲୋକମାନେ ଏକମତ ଥିଲେ ଯେଉଁମାନେ ଆମ ପୂର୍ବରୁ ଆସିଥିଲେ ଅର୍ଥାତ୍ ଏହି ବିଶ୍ୱ ବିଜୟର ସମୟ ମସିହ ମଉଦଙ୍କ ପ୍ରକଟ ହେବା ଦ୍ୱାରା ଲାଭ ହେବ'' *(ଚଶମା ଏ ମାରେଫତ୍ ରୁହାନୀ ଖଜାଏନ୍ ଖଣ୍ଡ-୨୩, ପୃ-୯୦,୯୧)*

ସୁତରାଂ ଆଁ ହଜରତ ସ:ଆ:ସଙ୍କ ଏହି ବାର୍ତା ଓ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଆପଣ ସ:ଆ:ସଙ୍କ ପ୍ରାର୍ଥନା ଫଳରେ ଯାହା ନିଶ୍ଚିତ ରୂପେ ଈଶ୍ୱରଙ୍କ ନିକଟରେ ଯାଇ ପହଂଚିଛି, ଅଲ୍ଲାଃ ତାଲା ହଜରତ ମସିହ ମଉଦ ଆ:ସଙ୍କ ରୂପରେ ଆପଣ ସ:ଆ:ସଙ୍କୁ ଜଣେ ସଚ୍ଚା ଦାସ ପ୍ରଦାନ କଲେ । ସୁତରାଂ ସେହି ସଚ୍ଚା ଦାସଙ୍କୁ ମଧ୍ୟ ଅଲ୍ଲାଃ ତାଲା ତାଙ୍କର ଆଁ ହଜରତ ସ:ଆ:ସଙ୍କ ପୂର୍ଣ୍ଣ ଆଜ୍ଞାବହତା ଯୋଗୁଁ ତାଙ୍କ ନିମନ୍ତେ ଏହା ମଧ୍ୟ ଘୋଷଣା କଲେ କି, ***କୁଲ୍ ୟା ଅୟୋହନ୍ ନାସୁ ଇନ୍ନି ରସୁଲୁଲ୍ଲାହେ ଇଲୈକୁମ୍ ଯମିୟା*** (ଆରାଫ୍: ୧୫୯) ଅର୍ଥାତ୍ ମୁସାଙ୍କ ମସିହ ତ ମାଗିବା ବାଲାଙ୍କୁ ଭତ୍ସନା କରିଥିଲେ କିନ୍ତୁ ମୁହମ୍ମଦଙ୍କ ମସିହଙ୍କୁ ସେହି ଦାସତ୍ୱ ଗ୍ରହଣ କରିବା ଯୋଗୁଁ ଏକ ବିଶାଳ ଦସ୍ତରଖ୍ୱାନ୍ (ଅର୍ଥାତ୍ ଖାଦ୍ୟ ଖାଇବା ନିମନ୍ତେ ବିଛା ଯାଇଥିବା କପଡ଼ା) ପ୍ରଦାନ କଲେ ଯେଉଁଠାରେ କାହାକୁ ମଧ୍ୟ ବସିବା ପାଇଁ ଭତ୍ସନା କରାଯାଏନାହିଁ ବରଂ ସମସ୍ତଙ୍କୁ ଡ଼ାକି ଡ଼ାକି ଏ କଥା କୁହାଯାଏ ଯେ, ଏହି ଦସ୍ତରଖ୍ୱାନ୍‌ରୁ ଖାଅ । ତେଣୁ ପ୍ରତ୍ୟେକ ନୁତନ ଆତ୍ମା ଯିଏ ଏହି ଦସ୍ତରଖ୍ୱାନ୍‌ରେ ବସି ଆମ ସହିତ ସାମିଲ ହୋଇଥାଏ ସେ ଆମ ପାଇଁ ଖୁସି ଓ ଈଦ୍‌ର କାରଣ ହୋଇଥାଏ । ଏହା ଶରିୟତ୍‌ର ନିର୍ଦ୍ଦେଶାବଳୀ ଉପରେ ଏକାଠି ହେବାର ଈଦ୍ ଅଟେ ଓ ଯେତେବେଳେ ସବୁ ଲୋକମାନେ ଗୋଟିଏ ଧର୍ମ ଉପରେ ଏକାଠି ହୋଇଯିବେ ଓ ତା ଉପରେ ପରିଚାଳିତ ହେବେ ସେଥିଯୋଗୁଁ ଯେଉଁ ଈଦ୍ ହେବ ତାହା ହେବ ଅସଲ ଓ ବଡ଼ ଈଦ୍ । ଓ ସେହି ଈଦ୍‌କୁ ପାଳନ କରିବା ଏ ଯୁଗରେ ଅଲ୍ଲାଃ ତାଲା ଆମକୁ ହିଁ ଦାୟିତ୍ୱ ପ୍ରଦାନ କରିଛନ୍ତି । ସୁତରାଂ ଯଦି ବାସ୍ତିବକ ଈଦ୍‌କୁ ପାଳନ କରିବା ଅଲ୍ଲାଃ ତାଲା ଏ ଯୁଗରେ ଆମ ଦାୟିତ୍ୱରେ ଦେଇଛନ୍ତି ତେବେ ଆମେ ଆମ ନିଜର ଅବସ୍ଥାକୁ ନିରୀକ୍ଷଣ କରିନେବା ଉଚିତ ଯେ, କିପରି ଆମେ ଏହି କାର୍ଯ୍ୟକୁ ସମ୍ପାଦନ କରିପାରିବା । ହଜରତ ମସିହ ମଉଦ ଆ:ସ ଆମ ପାଇଁ ଯେଉଁ ଲାହେ ଅମଲ୍ (ଅର୍ଥାତ୍ କାର୍ଯ୍ୟ ସାରଣୀ) ଧାର୍ଯ୍ୟ କରିଛନ୍ତି ତା ଉପରେ ପରିଚାଳିତ ହୋଇ ଆମେ ଯଥା ଶିଘ୍ର ବାସ୍ତିବିକ ଈଦ୍‌କୁ ଆଣିବାର ସାମାନ୍ କରିପାରିବା ଅର୍ଥାତ୍ ଏହି କାର୍ଯ୍ୟକୁ ସଠିକ୍‌ରୂପେ ସମ୍ପାଦନ କରିପାରିବା ଯାହାକୁ ଅଲ୍ଲାଃ ତାଲା ଆମଠାରେ ନ୍ୟସ୍ତ କରିଛନ୍ତି । ହଜରତ ମସିହ ମଉଦ ଆ:ସ ଯେଉଁ ଉପଦେଶ ଦେଇଛନ୍ତି ସେଥି ମଧ୍ୟରୁ ସଂକ୍ଷିପ୍ତରେ କିଛି ବର୍ଣ୍ଣନା କରୁଅଛି । ସେ କହୁଛନ୍ତି ଯେ, ଏପରି ପ୍ରକୃତିକୁ ହାସଲ କର ଯେ, ଖୁଦାତାଲାଙ୍କ ପ୍ରେମ ପାଇବା କୌଣସି ଉଦ୍ଦେଶ୍ୟ ନିମନ୍ତେ ନ ହେଉ । ଏହା ଆମ ସ୍ୱଭାବରେ ଓ ପ୍ରକୃତିରେ ଯୋଡ଼ି ହୋଇଯାଉ ଯେ, ଆମେ ଅଲ୍ଲାଃ ତାଲାଙ୍କ ସହିତ ପ୍ରେମ କରିବା ଓ ତାହା ମଧ୍ୟ କୌଣସି ଉଦ୍ଦେଶ୍ୟ ନ ରଖି ଏକ ପ୍ରକାରର ଆନ୍ତରିକ ପ୍ରେମ କରିବା । *(ମଲ୍‌ଫୁଜାତ୍ ଖଣ୍ଡ-୯, ପୃ-୯୬)*

ପୁଣି କହୁଛନ୍ତି ଯେ, ପବିତ୍ର କୋରାନ୍‌କୁ ବହୁ ମାତ୍ରାରେ ପଢ଼ ଓ ନିଜର କାର୍ଯ୍ୟକୁ ତାହା ମୁତାବକ ପରିଚାଳିତ କର ଓ ସଚ୍ଚା କାର୍ଯ୍ୟ ନମୁନା ଦ୍ୱାରା ଇସ୍‌ଲାମର ସୁନ୍ଦର ଗୁଣକୁ ସଂସାରରେ ପ୍ରକାଶ କର *(ମଲ୍‌ଫୁଜାତ୍ ଖଣ୍ଡ-୩, ପୃ-୧୫୫)*

ପୁଣି କହୁଛନ୍ତି ଯେ, ତବଲିଗ୍ ନିମନ୍ତେ ତକଓ୍ୱାର ମଧ୍ୟ ଆବଶ୍ୟକତା ରହିଛି, *(ମଲ୍‌ଫୁଜାତ୍ ଖଣ୍ଡ-୯, ପୃ-୪୧୩)*

ସେଥିପାଇଁ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ପରିଚାଳିତ ହେବା ଦ୍ୱାରା ହିଁ ତକଓ୍ୱା ସୃଷ୍ଟି ହୋଇଥାଏ ଓ କାର୍ଯ୍ୟ ନମୁନା ପୂର୍ଣ୍ଣ୍ୟ ଫଳ ପ୍ରଦନା କରିଥାଏ । ପୁଣି କହୁଛନ୍ତି ଯେ, ଅଲ୍ଲାଃଙ୍କ ହକ୍ ଓ ତା ପ୍ରାଣୀ ଜଗତର ହକ୍‌କୁ ପ୍ରଦାନ କରିବାରେ ଭରପୁର ଚେଷ୍ଟା କର *(ମଲ୍‌ଫୁଜାତ୍ ଖଣ୍ଡ-୧,*

ପୃ-୨୬୫)

ଏହି ଦୁଇଟି ତୁମର କର୍ତବ୍ୟରେ ଦାଖିଲ ଅଛି ପୁଣି ହଜରତ ମସିହ ମଉଦ ଆ:ସ ଯମାତ୍‌କୁ ଉପଦେଶ ଦେଇ କହୁଛନ୍ତି ଯେ, ଏ ଯମାତ୍‌ର ଲୋକମାନଙ୍କୁ ଏକଶ୍ୱରବାଦକୁ ସ୍ୱୀକାର କରିବା, ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ଯୋଡ଼ିବା, ଅଲ୍ଲାଃ ତାଲାଙ୍କ ସ୍ତୁତି ଗାନ କରିବା ଏବଂ ନିଜ ଭାଇମାନଙ୍କର ଅଧିକାରକୁ ପ୍ରଦାନ କରିବାରେ ଏକ ବିଶେଷ ଭୂମିକା ସୃଷ୍ଟି କରିବା ଉଚିତ । *(ମଲ୍‌ଫୁଜାତ୍ ଖଣ୍ଡ-୩, ପୃ-୯୫)*

ପୁଣି ଆପଣ ଆ:ସ କହୁଛନ୍ତି ସଚ୍ଚା ତୌବା କର ଏବଂ ଖୁଦାତାଲାଙ୍କୁ ସତ୍ୟତା ଓ ଭକ୍ତି ଦ୍ୱାରା ପ୍ରସନ୍ନ କର *(ମଲ୍‌ଫୁଜାତ୍ ଖଣ୍ଡ-୩, ପୃ-୧୯୧)*

ପୁଣି ଆପଣ ଆ:ସ କହୁଛନ୍ତି ଯେ, ନମାଜ୍ ନିୟମିତ ପାଠ କର *(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୬୩)*

ତହଯୁଦ୍ ନିୟମିତ ପାଠ କର । ନଓ୍ୱଫିଲ ପଢ଼ିବା ପ୍ରତି ଧ୍ୟାନ ଦିଅ *(ମଲ୍‌ଫୁଜାତ୍ ଖଣ୍ଡ-୩, ପୃ-୨୪୫)*

ପୁଣି ଆପଣ ଆ:ସ କହୁଛନ୍ତି ନିଜର ଧର୍ମ ଜ୍ଞାନକୁ ବଢ଼ାଅ *(ମଲ୍‌ଫୁଜାତ୍ ଖଣ୍ଡ-୯, ପୃ-୨୭୫)*

ପୁଣି କହୁଛନ୍ତି ତକ୍ୱାରେ ଉନ୍ନତି କରିଚାଲ *(ମଲ୍‌ଫୁଜାତ୍ ଖଣ୍ଡ-୫, ପୃ-୪୩୫)*

ପୁଣି ଆପଣ ଆ:ସ କହୁଛନ୍ତି ଯେ, ସତ୍ୟ ସହିତ ସର୍ବଦା ରୁହ *(ମଲ୍‌ଫୁଜାତ୍ ଖଣ୍ଡ-୩ ପୃ-୧୧୫)*

ସଚ୍ଚାଇ ଉପରେ ପ୍ରତିଷ୍ଠିତ ରୁହ, ମିଥ୍ୟା କେବେ ବି ତୁମ ମୁଖରୁ ନ ବାହାରୁ । ପୁଣି ଆପଣ ଆ:ସ କହୁଛନ୍ତି ଅମାନ୍ୟକାରୀମାନଙ୍କ ନିମନ୍ତେ ମଧ୍ୟ ପ୍ରାର୍ଥନା କର ଅର୍ଥାତ୍ ଯେଉଁମାନେ ମସିହ ମଉଦ ଆ:ସଙ୍କୁ ମାନୁ ନାହାନ୍ତି, ସେମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କର *(ମଲ୍‌ଫୁଜାତ୍ ଖଣ୍ଡ-୨, ପୃ-୭୪)*

ପୁଣି ଆପଣ ଆ:ସ କହୁଛନ୍ତି ଯେ, ନୂତନ ରୂପେ ସାମିଲ ହୋଇଥିବା ଲୋକମାନଙ୍କ ସହିତ ସଦ୍ ବ୍ୟବହାର କର ଅର୍ଥାତ୍ ଯେଉଁମାନେ ନୂଆ କରି ଆସି ତୁମ ମାନଙ୍କ ସହିତ ସାମିଲ ହୋଇଛନ୍ତି ଓ ତୁମର ଏହି ଇଜ୍‌ତିମାରେ ବୃଦ୍ଧି ଘଟାଇଛନ୍ତି ସେମାନଙ୍କ ସହିତ ସଦ୍ ବ୍ୟବହାର କର ଓ ନିଜର କାର୍ଯ୍ୟନମୁନା ଦ୍ୱାରା ସେମାନଙ୍କୁ ସଂସ୍କାରି କରିବା ପାଇଁ ଚେଷ୍ଟା କର ଅର୍ଥାତ୍ ଭଦ୍ର ବ୍ୟବହାର କର ଓ ନିଜର କାର୍ଯ୍ୟକୁ ଏପରି ଅମଲ କରି ଦେଖାଅ ଯଦ୍ୱାରା ସେମାନେ ତୁମକୁ ଦେଖି ଉତ୍ତମ ଶିକ୍ଷା ଗ୍ରହଣ କରିପାରିବେ । *(ମଲ୍‌ଫୁଜାତ୍ ଖଣ୍ଡ-୩, ପୃ-୩୪୯)*

ଏହିପରି କିଛି କଥା ମୁଁ ଏଠାରେ ବର୍ଣ୍ଣନା କରିଲି ଯାହା ହେଉଛି ସେହି ସବୁ ଉପଦେଶାବଳି ଗୁଡ଼ିକର ସାରାଂଶ ଯାହାକୁ ହଜରତ ମସିହ ମଉଦ ଆ:ସ ବିଭିନ୍ନ ସମୟରେ ଆମ ପାଇଁ ପ୍ରଦାନ କରିଛନ୍ତି । ସୁତରାଂ ବହୁତ ଧ୍ୟାନ ଦେଇ ଓ ବହୁତ ପରିଶ୍ରମ କରି ଆମେ ଆପଣ ଆ:ସଙ୍କ ବୟତର ହକ୍‌କୁ ପ୍ରଦାନ କରିବାର ଆବଶ୍ୟକତା ଅଛି ଓ ଆମ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ତାହାକୁ ସମ୍ପାଦନ କରିବାର ଆବଶ୍ୟକତା ରହିଛି । ସାରା ସଂସାର ପାଇଁ ଜଣେ ନବୀକୁ ପ୍ରେରଣ କରିବା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସାରା ସଂସାର ନିମନ୍ତେ ସମ୍ପୂର୍ଣ୍ଣ ଶରିୟତ ପ୍ରେରଣ କରିବା ଈଶ୍ୱରଙ୍କ କାର୍ଯ୍ୟ ଥିଲା ପୁଣି ତବଲିଗ୍ ସମ୍ପୂର୍ଣ୍ଣ କରିବା ପାଇଁ ଓ ଧର୍ମ ପ୍ରଚାର ସମ୍ପୂର୍ଣ୍ଣ କରିବାପାଇଁ ହଜରତ ମସିହ ମଉଦଙ୍କୁ ପ୍ରେରଣ କରିବା ଈଶ୍ୱରଙ୍କ କାର୍ଯ୍ୟ ଥିଲା କିନ୍ତୁ ଈଦ୍ ପାଳନ କରିବା ନିମନ୍ତେ ଅଲ୍ଲାଃ ତାଲା ଆମ ପାଇଁ ଧାର୍ଯ୍ୟ କରିଛନ୍ତି ତେଣୁ ଯମାତ୍‌ର ଲୋକମାନଙ୍କୁ ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ଅଛି ଯେ କିପରି ଆମେ ଏଭଳି ଇଜ୍‌ତିମା କରିବା ଯାହା ପ୍ରକୃତରେ ଈଦ୍‌କୁ ପରିପ୍ରକାଶ କରୁଥିବ କାରଣ ପ୍ରକୃତ ଈଦ୍ ଓ ସଚ୍ଚା ଈଦ୍ ସେତେବେଳେ ପାଳନ ହେବ ଯେତେବେଳେ ଖୁଦାତାଲାଙ୍କ ବାଣୀ ଉପରେ ସବୁ ଲୋକମାନେ ଏକାଠି ହୋଇଯିବେ ।

ହଜରତ ମୁସ୍‌ଲେହ ମଉଦ ର:ଅ କହୁଛନ୍ତି ଯେ, ହଜରତ ଇସା ଆ:ସ ଗୋଟିଏ ଭବିଷ୍ୟବାଣୀ କରିଥିଲେ ଯେ, ହେ ଆମର ବାପା! ଯିଏ ଆକାଶରେ ଅଛ ତୁମ ନାମର ପବିତ୍ରତା ପ୍ରକାଶ ହେଉ, ତୁମ ସାମ୍ରାଜ୍ୟ ଆସୁ, ଆକାଶରେ ଯେପରି ତୁମର ଇଚ୍ଛା ଅଛି ସେହିପରି ଏ ପୃଥିବୀରେ ମଧ୍ୟ ପ୍ରତିଷ୍ଠା ହେଉ । ଏଥିରୁ ଏ କଥା ବୁଝା ପଡୁଛି ଯେ, ଯେପରି ଈଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀ ପୃଷ୍ଠରେ ନାହିଁ ଯେବେ କି ଏ କଥା ମଧ୍ୟ ବାଇବେଲରେ ଲେଖାଯାଇଛି ଯେ, ଖୁଦାଙ୍କ ସାମ୍ରାଜ୍ୟ ଯେଉଁ ଭଳି ଆକଶରେ ଅଛି ସେହିଭଳି ଏ ପୃଥିବୀରେ ମଧ୍ୟ ରହିଛି । ଏ ଦୁଇଟି ଯାକ ହଓ୍ୱାଲା ହେଉଛି ମତାର । ସୁତରାଂ ଏ କଥା କହିପାରିବା ନାହିଁ ଯେ, ହଜରତ ମସିହଙ୍କ ନିକଟରେ ଈଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀ ପୃଷ୍ଠରେ ନଥିଲା ତେଣୁ ଆପଣ ଆ:ସ ଏକଥା କହିଲେ ବରଂ ଏହା ଗୋଟିଏ ପ୍ରାର୍ଥନା ଥିଲା ଯାହା ହଜରତ ମସିହ ମାଗିଥିଲେ ଓ ତାହା ଆଁ ହଜରତ ସ:ଆ:ସଙ୍କ ସମ୍ବନ୍ଧରେ ଥିଲା ଯେ ଯେଉଁଭଳି ଈଶ୍ୱର ହେଉଛନ୍ତି ଏକ ସେହିଭଳି ତାହାର ନବୀ ମଧ୍ୟ ଜଣେ ଆସନ୍ତୁ ଯିଏ ସମଗ୍ର ସଂସାରକୁ ଗୋଟିଏ ଜାଗାରେ ଏକାଠି କରିବେ ଏକଥାରେ ଏ ଇସାରା ମଧ୍ୟ ମିଳୁଛି ଯେ ଯେଉଁଭଳି ଆକାଶରେ ଓ ଆକାଶର ପ୍ରତ୍ୟେକ ଭାଗରେ ଫରିସ୍ତା (ଦେବଦୂତ ଗଣ) ଈଶ୍ୱରଙ୍କର ପ୍ରଶଂସା ଓ ସ୍ତୁତି ଗାନ କରୁଛନ୍ତି ସେହିପରି ପୃଥିବୀର ପ୍ରତ୍ୟେକ ସ୍ଥାନରେ ମଧ୍ୟ ଜନ୍ମ ହୁଅନ୍ତୁ ଯେଉଁମାନେ ଖୁଦାତାଲାଙ୍କ ଗୁଣ ଗାନ ଓ ପବିତ୍ର ନାମକୁ ବର୍ଣ୍ଣନା କରିବେ । ସୁତରାଂ ପୃଥିବୀର କୋଣେ କୋଣେ ଏପରି ଲୋକଙ୍କୁ ସୃଷ୍ଟି କରିବା ମସିହ ମଉଦଙ୍କ ଯମାତ୍‌ର ଦାୟିତ୍ୱ କିନ୍ତୁ ଆମେ ନିଜକୁ ମଧ୍ୟ ଦେଖିବା ଯେ କ'ଣ ଆମେ ଖୁଦାତାଲାଙ୍କୀ ସ୍ତୁତିଗାନ ଓ ଗୁଣଗାନ କରୁଛେ ଓ ନିଜର କାର୍ଯ୍ୟ ନମୁନା କୁ ତାହାଙ୍କ ଶିକ୍ଷା ମୁତାବକ ପରିଚାଳିତ କରୁଅଛେ । ଏହି ଯେଉଁ ଈଦ୍ ଆମେ ପାଳନ କରୁଛେ ଓ ସେଥି ସକାଶେ ପୂର୍ବରୁ ବହୁତ ପ୍ରସ୍ତୁତି କରୁଛେ । ନିଜ ନିଜର ସାମର୍ଥ ପୋଷାକ ପତ୍ରଠାରୁ ନେଇ ଖାଇବା ପିଇବାର ବ୍ୟବସ୍ଥା ପର୍ଯ୍ୟନ୍ତ ସବୁ କିଛି କରିବା ପାଇଁ ଚେଷ୍ଟା କରୁଛେ ଓ ଏହି ସବୁ ଖର୍ଚ୍ଚ ଆମେ କୌଣସି ପ୍ରକାରର ଲାଭ ଉଠାଇବା ପାଇଁ କରୁନାହୁଁ ବରଂ ଗୋଟିଏ ଇଜ୍‌ତିମା (ସମାବେଶ)ର ଖୁସି ନିମନ୍ତେ କରିଥାଉ । ନିଶ୍ଚିତ ରୂପେ ଏ କଥାରେ ଆମେ ଆନନ୍ଦିତ ହୋଇଥାଉ ଯେ, କାରଣ ଅଲ୍ଲାଃ ତାଲା ନିର୍ଦ୍ଦେଶ ଦେଇଛନ୍ତି ଯେ, ଖୁସି ହୁଅ ଓ ଏହା ମଧ୍ୟ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶ ଗୁଡ଼ିକ ମଧ୍ୟରୁ ଗୋଟିଏ ନିର୍ଦ୍ଦେଶ ଯେଉଁଥିପାଇଁ ଆମେ ଏହା କରୁଅଛେ କିନ୍ତୁ ଏପରି କୌଣସି ପ୍ରାର୍ଥିବ ଲାଭ ତ ଏଥିରୁ ଆମକୁ ମିଳେ ନାହିଁ ହଁ ଆଧ୍ୟାତ୍ମିକ ଲାଭ ନିଶ୍ଚିତ ରୂପେ ମିଳିଥାଏ । ଯଦି ଆମେ ପୂଣ୍ୟ ଭାବନା ରଖି ଏହି ଈଦ୍‌କୁ ଏଥିପାଇଁ ପାଳନ କରୁଛେ ଯେ, ଅଲ୍ଲାଃ ତାଲା ଏ ନିର୍ଦ୍ଦେଶ ଦେଇଛନ୍ତି କି, ରମ୍‌ଜାନ ପରେ ଈଦ୍ ପାଳନ କର ଓ ଆଜିର ଦିନରେ ଆନନ୍ଦ ଉତ୍ସବ ପାଳନ କରି ଖାଅ ଓ ପିଅ । କିନ୍ତୁ ଏହାଠାରୁ ବଳିକରି ଆନନ୍ଦ ଓ ତୃପ୍ତି ହାସଲ କରିବାର ବ୍ୟବସ୍ଥା ନିମନ୍ତେ ଅଲ୍ଲାଃ ତାଲା ସାରା ପୃଥିବୀ ବାସୀଙ୍କୁ ଗୋଟିଏ ହାତ ତଳେ ଏକତ୍ରୀତ କରିବା ପାଇଁ ରସୁଲ୍ ପ୍ରେରଣ କରିଛନ୍ତି । ତାହାଙ୍କ ପ୍ରତି ଆମ ସମସ୍ତଙ୍କର ଧ୍ୟାନ ସେପରି ନାହିଁ ଯେପରି ରହିବା କଥା । ସେହି ରସୁଲଙ୍କ ବାର୍ତାକୁ ପ୍ରଚାର ପ୍ରସାର କରିବା ନିମନ୍ତେ ଆମର ସେପରି ଚେଷ୍ଟା ନାହିଁ ଯେପରି ରହିବା କଥା । ଏହି ଇଜ୍‌ତିମାକୁ ବଢ଼ାଇବା ପାଇଁ ଆମେ ଯେତେମାତ୍ରାରେ ଭାଗ ନେଉଥିବା, ଯେତେମାତ୍ରାରେ ଆମେ ପ୍ରସ୍ତୁତ ହେଉଥିବା ଏବଂ ତାହାକୁ ପାଇବା ପାଇଁ ଚେଷ୍ଟା କରୁଥିବା ଯେ, ଏହି ଇଜ୍‌ତିମାକୁ ଆମେ ମାନଙ୍କୁ ବଢ଼ାଇବାକୁ ହେବ ଯାହା ପାଇଁ ରସୁଲ୍ ପ୍ରେରଣ ହୋଇଛନ୍ତି ଫଳତଃ ଏହାର ପୂଣ୍ୟଫଳ ଆମକୁ ଈଶ୍ୱର ଦେବେ ଓ ସେହି ବାସ୍ତବିକ ଈଦ୍‌ରେ ତା ଠାରୁ ବହୁ ଅଧିକା ଦେବ ଯାହା ଈଦ୍‌ର ଖୁସି ପାଳନ କରିବା ପାଇଁ ଦେଇଥାଏ । ଅର୍ଥାତ୍ ଏଠାରେ କେବଳ ଖର୍ଚ୍ଚ କରାଯାଉନାହିଁ ବରଂ ପ୍ରତ୍ୟେକ ପ୍ରକାରର ଲାଭ ମଧ୍ୟ ମିଳୁଅଛି । ଅଲ୍ଲାଃ ତାଲାଙ୍କ ସାନ୍ନିଧ ଓ ପ୍ରସନ୍ନତା ପୂର୍ବ ଅପେକ୍ଷା ଅଧିକ ମିଳୁଅଛି । ତେଣୁ ଆମେମାନେ ବଡ଼ ସୌଭାଗ୍ୟବାନ ଯେ ଆମେ ହଜରତ ମସିହ ମଉଦ ଆ:ସଙ୍କ ସହିତ ଯୋଡ଼ି ହୋଇ ଏହି ବଡ଼ ଈଦ୍‌ର ଯୁଗରେ ଅଂଶୀଦାର ହୋଇଥିବା ଲୋକମାନଙ୍କ ମଧ୍ୟରେ ସାମିଲ ହୋଇଛେ । ମସିହ ମଉଦଙ୍କ ଯୁଗ ହେଉଛି ତାହା ଯେବେ ଇସ୍‌ଲାମକୁ ସମଗ୍ର ଧର୍ମ ଉପରେ ବିଜୟ ପ୍ରାପ୍ତ ହେବ ଏବଂ ଆଁ ହଜରତ ସ:ଆ:ସଙ୍କ ସତ୍ୟତାକୁ ହଜରତ ମସିହ ମଉଦ ଆ:ସ ଏବଂ ଆପଣ ଆ:ସଙ୍କ ଯମାତ୍ ଜରିଆରେ ପ୍ରଚାର ପ୍ରସାର କରି ସାରା ସଂସାରକୁ ଗୋଟିଏ ସ୍ଥାନରେ ଏକାଠି କରିଦିଆଯିବ । ତେବେ ଯାଇ ଇନ୍‌ଶାଅଲ୍ଲାଃ ଆମର ଅସଲ ଈଦ୍ ହେବ । ଯେ ପର୍ଯ୍ୟନ୍ତ ସେହି ଈଦ୍ ହୋଇନାହିଁ ସେ ପର୍ଯ୍ୟନ୍ତ କେବଳ ଏହି ଈଦ୍ ଯୋଗୁଁ ଖୁସି ହେବା ଉଚିତ ନୁହେଁ । ହଜରତ ମସିହ ମଉଦ ଆ:ସଙ୍କ ବାର୍ତାକୁ ପୃଥିବୀର କୋଣେ କୋଣେ ପହଂଚାଇବା ପାଇଁ ଆପଣ ଆ:ସ ଆମଠାରୁ ପ୍ରତିଜ୍ଞା ନେଇଛନ୍ତି ।ତେଣୁ ସେଥିପାଇଁ ଆମକୁ ଚେଷ୍ଟା କରିବାକୁ ହେବ ।

ଆଜି ଏ ପୃଥିବୀ ବାସୀ ଅଲ୍ଲାଃହୁ ଅକ୍‌ବର୍‌ର ସ୍ଲୋଗାନ ଦ୍ୱାରା ଭୟଭୀତ ହେଉଯାଉଛନ୍ତି କାରଣ କିଛି ମୁସଲମାନମାନଙ୍କର କାର୍ଯ୍ୟ ନମୁନା ଏପରି ରହିଛି ଯେ, ଅଲ୍ଲାଃହୁ ଅକ୍‌ବର ଏବଂ କଲ୍‌ମା ପଢ଼ିବାର ଶବ୍ଦ ଦ୍ୱାରା ଏ ପୃଥିବୀ ବ୍ୟତିବ୍ୟସ୍ତ ହୋଇଯାଉଛି କିନ୍ତୁ ଆମର କାର୍ଯ୍ୟ ହେଉଛି ଏହି ପ୍ରୀୟ ବାକ୍ୟର ସତ୍ୟାସତ୍ୟକୁ ସଂସାର ବାସୀଙ୍କ ନିମନ୍ତେ ଏହିପରି ଖୋଲି ଦେବାଯେ ପ୍ରତ୍ୟେକ ଜାତିର ଲୋକେ ଏକଶ୍ୱରବାଦର କଲ୍‌ମା ପଢ଼ିବାକୁ ଲାଗିବେ ଓ ତାହାକୁ ପଢ଼ିବାରେ ଏକ ଆନନ୍ଦ ଅନୁଭବ କରିବେ । ସାରା ସଂସାର ରସୁଲେ କରିମ୍ ସ:ଆ:ସଙ୍କୁ ଗାଳିଗୁଲଜ ଦେବା ପରିବର୍ତେ ଆପଣ ସ:ଆ:ସଙ୍କ ଉପରେ ଦରୁଦ ପ୍ରେରଣ କରିବାରେ ଖୁସି ଅନୁଭବ କରିବେ । ଖୁଦାତାଲାଙ୍କୁ ଅନାପ ସନାପ କହିବା ପରିବର୍ତେ ଅଲ୍ଲାଃହୁ ଅକ୍‌ବର (ଅର୍ଥାତ୍ ଅଲ୍ଲାଃ ସମସ୍ତଙ୍କ ଠାରୁ ବଡ଼)ର ସ୍ଲୋଗାନ ଲଗାଉଥିବେ ।

*(ଖୁତ୍‌ବାତେ ମେହମୁଦ୍ ଖଣ୍ଡ-୧, ପୃ-୩୧ ରୁ ୩୩ ଖୁତ୍‌ବା ଈଦ୍ ପ୍ରଦତ୍ତ ୨ ଅଗଷ୍ଟ ୧୯୧୬)*

କ୍ରମଶଃ.....

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ ପ୍ରଦତ୍ତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ୍ତ ୬ ଜାନୁୟାରୀ ୨୦୧୫)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Pankal (Odisha)*

*ପୃଷ୍ଠା- ୦୨ର ଅବଶିଷ୍ଟାଂଶ ......*

(ଶାହାଦତୁଲ୍ କୁର୍ଆନ୍, ରୁହାନି ଖଜାଇନ୍, ଖଣ୍ଡ-୬, ପୃଷ୍ଠା-୩୯୮)

ଅଲ୍ଲାଃତାଲା ଆମକୁ ଏପରି ଅବସ୍ଥାରୁ ବଂଚାନ୍ତୁ, ଯେଉଁ ଅବସ୍ଥାରେ ଆମେ ଖୁଦାତାଲା ଓ ତାର ପ୍ରିୟ ଭକ୍ତଙ୍କଠାରୁ ଦୂରେଇ ଯାଉଥିବା । ଆମ ଇମାନ୍‌କୁ ସର୍ବଦା ସୁରକ୍ଷିତ ରଖନ୍ତୁ ବରଂ ସେଥିରେ ଉନ୍ନତି କରିଚାଲନ୍ତୁ । ଏବଂ ଆମେ ସେହି ସମସ୍ତ ଦୁଆକୁ ହାସଲ କରିବା ବାଲା ହେଉ, ଯାହାକୁ ଆପଣ ନିଜ ଅନୁଗାମୀମାନଙ୍କ ନିମନ୍ତେ ଓ ସେମାନଙ୍କ ସପକ୍ଷରେ କରିଛନ୍ତି ।

ଜଲ୍‌ସା ବାବର୍‌କତ୍ ହେବା ଏବଂ ପ୍ରତ୍ୟେକ ପ୍ରକାରର କୁ ଦୃଷ୍ଟିରୁ ସୁରକ୍ଷିତ ରହିବା ପାଇଁ ମଧ୍ୟ ଏହି ଦିନ ଗୁଡିକରେ ଦୁଆ କରିଚାଲନ୍ତୁ ଓ ସତର୍କ ମଧ୍ୟ ରୁହନ୍ତୁ । ଡାହାଣ ଏବଂ ବାମପଟେ ଦୃଷ୍ଟି ରଖନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଦୁଷ୍ଟ ବ୍ୟକ୍ତିଙ୍କ ଦୁଷ୍ଟତାରୁ, ପ୍ରତ୍ୟେକ ଇର୍ଶାଳୁଙ୍କ ଇର୍ଶାଠାରୁ ଆମକୁ ବଂଚାଇ ରଖନ୍ତୁ ।

⌘⌘⌘⌘⌘⌘⌘⌘⌘⌘⌘

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ପାଇଁ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ୱ୍ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟର୍‌ନ୍ୟାସିନାଲ୍ ୧୨ ମଇ ୨୦୧୭ କୁ ଧନ୍ୟବାଦ ।)

### ସାଲାନା ଇଜିତେମା

**ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍‌ନା ଇମାଇଲ୍ଲାଃ ଭାରତ-୨୦୧୯**

ଭାରତର ସମସ୍ତ ଅନ୍‌ସାର୍, ଖୁଦାମ୍ ଓ ଲଜ୍‌ନା ଇମାଇଲାଙ୍କଙ୍କୁ ଲିଖିତ ରୂପେ ଅବଗତ କରାଇଦିଆଯାଉଛି ଯେ ସୟଦ୍‌ନା ହଜୁର୍ ଅନୁୱ୍ୱର୍ ଅ:ବ:ଅ ସଦିଚ୍ଛା ସହିତ ମର୍କଜି ସାଲାନା ଇଜିତେମା ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍‌ନା ଇମାଇଲ୍ଲାଃ ଭାରତ- ୨୦୧୯ ନିମନ୍ତେ ତା ୧୮,୧୯,୨୦ ଅକ୍ଟୋବର (ଶୁକ୍ରବାର, ଶନିବାର, ରବିବାର) ର ମଞ୍ଜୁରି ପ୍ରଦାନ କରିଛନ୍ତି । ସମସ୍ତ ଜେଲି ତଞ୍ଜିମ୍ ର କର୍ମୀମାନଙ୍କୁ ଏବେଠାରୁ କାଦିୟାନ୍ ଦାରୁଲ୍ ଅମାନ୍‌ର ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ମର୍କଜି ଇଜିତେମାଅତ୍ ରେ ସାମିଲ୍ ହେବାପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଏହି ଇଜ୍‌ତିମାଅତ୍ ତର୍‌ବିୟତ୍‌ର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଅଟେ । ଯଜାକ୍‌ମୁଲ୍ଲାଃ- (ଇଦାରାଃ)

**ହଜୁର ଅନୱ୍ୱରଙ୍କ ଗୋଚରେ ଡ଼ାକ ଦ୍ୱାରା ଚିଠି ଲେଖୁଥିବା ଲୋକମାନଙ୍କ ପାଇଁ**

### ନୂଆ ଠିକଣା

ଯମାତ୍‌ର ସଦସ୍ୟମାନେ ଜାଣିଛନ୍ତି ଯେ, ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଗତ କିଛି ସପ୍ତାହ ହେବ ମସ୍‌ଜିଦ୍ ଫଜଲ୍‌ରୁ ଆସି ନୂଆ ମର୍କଜ୍ ଇସାଲାମବାଦ ଟିଲ୍‌ଫୋର୍ଡ଼ଠାରେ ରହୁଛନ୍ତି, ଯେଉଁ ଲୋକମାନେ ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ସେବାରେ ପ୍ରାର୍ଥନା ମୁଳକ ଚିଠି ଡ଼ାକ ଦ୍ୱାରା ପଠାଉଛନ୍ତି ସେମାନେ ଏବେ ନିମ୍ନଲିଖିତ ନୂଆ ଠିକଣାରେ ଚିଠି ପଠାନ୍ତୁ ।

Islamabad, 2, Sheephatch Lane,
Tilford Surrey GU10 2AQ
United Kingdom

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିଭାବକୁ ଦେଖାଅ । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଓ ତା ଉପରେ ପରିଚାଳିତ ହୁଅ ।

### ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିଜ ଜମାତ୍‌ଠାରୁ ଆଶାପୋଷଣ

ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-

ମନେରଖ ଆମ ଜମାତ୍ ଏକଥା ପାଇଁ ନୁହେଁ ଯେପରି ସାଧାରଣ ସାଂସାରିକ (ବ୍ୟକ୍ତି) ଜୀବନ ବିତାଇଥାଏ । କେବଳ ମୁହଁରୁ କହିଥାଏ ଯେ ଆମେ ଏହି ସିଲ୍‌ସିଲାରେ ଦାଖିଲ୍ ଅଛୁ । ଏବଂ ଅମଳ (କାର୍ଯ୍ୟ)ର ଆବଶ୍ୟକତାକୁ ବୁଝୁନାହିଁ ଯେପରି ଦୁର୍ଭାଗ୍ୟ ବଶତଃ ମୁସଲ୍‌ମାନ୍ ମାନଙ୍କର ଏପରି ଅବସ୍ଥା ଯେ (ଯେବେ ତାଙ୍କୁ) ପଚାର କି ତୁମେ ମୁସଲ୍‌ମାନ୍ ଅଟ ? ସେତେବେଳେ ସେ କହିଥାନ୍ତି ଶୁକର୍ ଅଲ୍‌ହମ୍‌ଦୋଲିଲ୍ଲାଃ । କିନ୍ତୁ ନମାଜ ପଢ଼ନ୍ତି ନାହିଁ ଏବଂ ଅଲ୍ଲାଃଙ୍କ ଚିହ୍ନର ସମ୍ମାନ କରନ୍ତି ନାହିଁ ସୁତରାଂ ମୁଁ ତୁମଠାରୁ ଏହା ଚାହୁଁନାହିଁ ଯେ କେବଳ ମୁହଁଦ୍ୱାରା ମାନିନିଅ ଓ କାର୍ଯ୍ୟ କରି କିଛି ଦେଖାଅନାହିଁ । ଏହା ହେଉଛି ନିକମା ମାନଙ୍କ ଅବସ୍ଥା । ଖୁଦାତାଲା ଏହା ପସନ୍ଦ କରେନାହିଁ । ପୃଥିବୀର ଏପରି ଅବସ୍ଥା ଏହା ଚାହୁଁଥିଲା କି ଖୁଦାତାଲା ମୋତେ ଇସ୍‌ଲାହ୍ (ସଂସ୍କାର) ନିମନ୍ତେ ଛିଡା କଲା । ତେଣୁ ଏବେ ଯଦି କୌଣସି (ବ୍ୟକ୍ତି) ମୋ ସହିତ ସମ୍ପର୍କ ରଖି ମଧ୍ୟ ନିଜ ଅବସ୍ଥାରେ ସୁଧାର ଆଣୁନାହିଁ ଏବଂ କାର୍ଯ୍ୟଶକ୍ତିରେ ଉନ୍ନତି ଆଣୁନାହିଁ ବରଂ ମୁହଁଦ୍ୱାରା ମାନିନ୍ୟିବାକୁ ହିଁ ଯଥେଷ୍ଟ ମଣୁଛି ସେ ଏପରି ଅଟେ ଯେପରି ନିଜର କାର୍ଯ୍ୟଦ୍ୱାରା ମୋ ଅନାବଶ୍ୟକତା ଉପରେ ଜୋର୍ ଦେଉଅଛି । ପୁଣି ତୁମେ ଯଦି ନିଜ କାର୍ଯ୍ୟଦ୍ୱାରା ପ୍ରମାଣ କରିବାକୁ ଚାହୁଁଛ ଯେ ମୋ ଆସିବା ନିରର୍ଥକ ତେବେ ପୁଣି (ଯଦି) ମୋ ସହିତ ସମ୍ପର୍କ ରଖିବାର ଅର୍ଥ କଣ ? ମୋ ସହିତ ସମ୍ପର୍କ ସୃଷ୍ଟି କରୁଛ ତେବେ ମୋର ଲକ୍ଷ ଓ ଉଦ୍ଦେଶ୍ୟକୁ ପୂରଣ କର ଓ ତାହା ହେଉଛି ଏହା ଯେ ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିକୁ ଦେଖାଅ ଏବଂ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ସେହିପରି ପରିଚାଳିତ ହୁଅ ଯେଉଁପରି ରସୁଲୁଲ୍ଲାଃ ସ:ଆ:ସ କରି ଦେଖାଇଛନ୍ତି ଏବଂ ସାହାବାମାନେ ମଧ୍ୟ କରିଛନ୍ତି । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଏବଂ ତା ଉପରେ ପରିଚାଳିତ ହୁଅ । ଖୁଦାତାଲାଙ୍କ ନିକଟରେ ଏତିକି କଥା ଯଥେଷ୍ଟ ହୋଇପାରେନା ଯେ ମୁହଁରେ ମାନିନେବା ଓ କାର୍ଯ୍ୟରେ କୌଣସି ଆଲୋକ ଓ ଉତ୍ସୁକତା ନମିଳିବା । ମନେରଖ ଯେ ଯେଉଁ ଜମାତ୍‌କୁ ଖୁଦାତାଲା ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ତାହା ବିନା କାର୍ଯ୍ୟରେ ଜୀବିତ ରହିପାରିବ ନାହିଁ । *(ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୨୨୨)*

(ନଜାରତ୍ ଇସ୍‌ଲାହ୍ ୱ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱ୍ୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱ୍ୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱ୍ୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ । (ବଦର କାର୍ଯ୍ୟାଳୟ)

ସେଠାରେ ଯାଇଁ ଅଡ଼ିଟ୍ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କାଏଦ୍ ତଜ୍‌ନିଦ୍‌ଙ୍କ ଠାରୁ ପଚାରି ବୁଝିଲେ ଯେ, କ'ଣ ଆପଣଙ୍କ ତଜ୍‌ନିଦ୍ ଠିକ୍ ଅଛି । ନିଜର ତଜ୍‌ନିଦ୍‌କୁ ସମ୍ପୂର୍ଣ୍ଣ କରିବା ପାଇଁ କ'ଣ ସବୁ କରୁଅଛ ? ଏଥିରେ କାଏଦ୍ ସାହେବ ତଜ୍‌ନିଦ୍ କହିଲେ ଯେ ଆମର ଲକ୍ଷ ଏହା ରହିଛି କି, ଆମ ନିକଟରେ ଶତ୍‌ପ୍ରତିଶତ ଅନ୍‌ସାରମାନଙ୍କ ତଜ୍‌ନିଦ୍ ସମ୍ପୂର୍ଣ୍ଣ ହୋଇଛି ଓ ତା ପାଇଁ ଆମେ ତଜ୍‌ନିଦ୍ ଡ୍ରାଇଭ୍‌ସ ବ୍ୟବହାର କରିଥାଉ । ମଜ୍‌ଲିସ୍ ଗୁଡ଼ିକୁ ଏ କଥା କହିଥାଉ ଯେ, ଘରକୁ ଘର ଯାଇ ତଜ୍‌ନିଦ୍ ପୂରଣ କରନ୍ତୁ । ଅନ୍‌ଲାଇନ୍‌ରେ ମଧ୍ୟ ଅନ୍‌ସାରଙ୍କ ତଜ୍‌ନିଦ୍ ଅପଡ଼େଟ୍ କରୁଅଛୁ । ଏହିପରି ତଜ୍‌ନିଦ୍‌କୁ ପୂରଣ କରିଥାଉ ।

ହଜୁର ଅନଓ୍ୱର ଅ:ବ:ଅ କାଏଦ୍ ଇସାର୍‌ଙ୍କୁ ପଚାରିଲେ ଯେ, କ'ଣ ଆପଣ ''ଓ୍ୱାଟର ଫର୍ ଲାଇଫ୍'' ବା ଏହି ପ୍ରକାରର ଅନ୍ୟ କୌଣସି ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି କି ? ଏଥିରେ କାଏଦ୍ ଇସାର୍ ସାହେବ କହିଲେ ଯେ, ଚଳିତ ବର୍ଷ ଆମେ ପାକିସ୍ତାନରେ ଗୋଟିଏ କୂଅ ତିଆରି କରିଛୁ । ଆମର ୧୦,୦୦୦ ଡ଼ଲାର ବଜେଟ ଅଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଏତେ ବଡ଼ ମଜଲିସ୍ ଯେଉଁଥିରେ ବହୁ ମାତ୍ରାରେ ବିତଶାଳୀ ଲୋକମାନେ ଅଛନ୍ତି, ଏଥିପାଇଁ କେବଳ ଗୋଟିଏ କୂଅ ଯଥେଷ୍ଟ ନୁହେଁ ତେଣୁ ଆପଣ କୌଣସି ବଡ଼ ପ୍ରୋଜେକ୍ଟ ତିଆରି କରନ୍ତୁ ଗୋଟିଏ କୂଅର ଖର୍ଚ୍ଚ ତ କେବଳ ଜଣେ ଲୋକ ହିଁ ବହନ କରିପାରେ ।

କାଏଦ୍ ଇସାର୍ କହିଲେ ଯେ, ଚଳିତ ବର୍ଷ ଆମର ଏ ଯୋଜନା ଥିଲା କି, ଆମେ ବୃଦ୍ଧ ଓ ରୋଗୀମାନଙ୍କୁ ସାକ୍ଷାତ କରିବୁ ସେହିପରି ଯେଉଁ ସଦସ୍ୟମାନେ ଆକ୍ଟିଭ ନାହାନ୍ତି ସେମାନଙ୍କ ସହିତ ମଧ୍ୟ ଯୋଗାଯୋଗ କରିବୁ । ହଜୁର ଅନଓ୍ୱର ଅ:ବ:ଅ ନିର୍ଦ୍ଦେଶ ଦେଇ କହିଲେ ଅନ୍‌ସାରୁଲ୍ଲାଃ ୟୁ.ଏସ୍.ଏ ଆଫ୍ରିକାରେ ମଡ଼େଲ ଭିଲେଜ୍ ନିର୍ମାଣ କରିବାର ଖର୍ଚ୍ଚକୁ ବହନ କରନ୍ତୁ । ଅନ୍‌ସାରୁଲ୍ଲାଃ ୟୁ.କେ ୫ ଲକ୍ଷ ପାଉଣ୍ଡ ଖର୍ଚ୍ଚ କରି ବୁର୍କିନା ଫାସଠାରେ ଗୋଟିଏ ଚକ୍ଷୁ ଡ଼ାକ୍ତରଖାନା ନିର୍ମାଣ କରୁଅଛି ତେଣୁ କୌଣସି ବଡ଼ ଯୋଜନା ତିଆରି କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ କାଏଦ୍ ଇଶାଅତ୍ କହିଲେ ଯେ, ତାଙ୍କର ତିନୋଟି ପିରିୟଡ଼ିକାଲ୍ ଚାଲିଛି ସେଥିରୁ ଗୋଟିଏ ହେଉଛି ବାଇଉଇକ୍‌ଲି, ଗୋଟିଏ ଇ-ନ୍ୟୁଜ୍ ଲେଟର ଓ ଆଉଗୋଟିଏ ବାର୍ଷିକ ପତ୍ରିକା ରହିଛି ଯାହାର ନାମ ହେଉଛି ''ଅଲ୍ ନହଲ୍'' । ଯେଉଁଥିରେ ବାର୍ଷିକ ରିପୋର୍ଟ ପ୍ରକାଶ ପାଉଛି । ଇ-ନ୍ୟୁଜ୍ ଲେଟର୍‌କୁ ୩୩୦୦ ଅନ୍‌ସାରମାନଙ୍କ ମଧ୍ୟରେ ବଂଟନ କରାଯାଉଛି ଓ ତାହାକୁ ୩୩% ଅନ୍‌ସାର ପାଠ କରୁଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଲୋକମାନେ ରିପୋର୍ଟ ଇତ୍ୟାଦି କାର୍ଯ୍ୟରେ ଆଗ୍ରହ ଦେଖାଉ ନାହାନ୍ତି । ତେଣୁ ଏଥିରେ ଏମିତି ବିଷୟ ବସ୍ତୁ ରଖାଯାଉ ଯାହା ଲୋକମାନଙ୍କ ଆଗ୍ରହର କାରଣ ହେଉଥିବ । ସେହିପରି ଅନ୍‌ସାରମାନଙ୍କୁ ପ୍ରୋତ୍ସାହିତ କରନ୍ତୁ ଯେ, ସେମାନେ ''ଅଲ୍ ହକମ୍'' ମଧ୍ୟ ଅଧ୍ୟୟନ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ କାଏଦ୍ ମାଲ୍ କହିଲେ ଯେ, ବିଗତ ବର୍ଷ ୨୫୦୦ ଅନ୍‌ସାର ଚାନ୍ଦାରେ ସାମିଲ ହୋଇଥିଲେ ଓ ଏ ବର୍ଷ ଆମେ ଏ ଲକ୍ଷ ରଖିଛୁ କି, ଏଥିରେ ୨୭୦୦ ଅନ୍‌ସାର ସାମିଲ ହୁଅନ୍ତୁ । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ କାଏଦ୍ ମାଲ୍ କହିଲେ ଯେ, ହାରାହାରି ଜଣେ ନାସିରଙ୍କ ହିସାବ ମୁଣ୍ଡ ପିଛା ୩୦୩ ଡ଼ଲାର୍ ବାର୍ଷିକ ରହିଛି । କିନ୍ତୁ ଯଦି ଏପରି ସଦସ୍ୟମାନଙ୍କୁ ସାମିଲ ନ କରାଯିବ ଯେଉଁମାନେ ରୋଜଗାର କରୁନାହାନ୍ତି ତେବେ ହାରାହାରି ୪୫୩ ଡ଼ଲାର୍ ରହିଛି । କାଏଦ୍ ମାଲ୍ କହିଲେ ଯେ, ଯେଉଁମାନଙ୍କର କୌଣସି ରୋଜଗାର ନାହିଁ ସେମାନଙ୍କ ପାଇଁ ଆମେ ଅତିକମ୍‌ରେ ୩୬ ଡ଼ଲାର୍ ବାର୍ଷିକ ଚାନ୍ଦା ଧାର୍ଯ୍ୟ କରିଛୁ ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ ନିର୍ଦ୍ଦେଶ ଦେଲେ ଯେ, ଚାନ୍ଦା ପ୍ରସଙ୍ଗରେ ଲୋକମାନଙ୍କୁ ବହୁତ ପ୍ରେମର ସହିତ ଧ୍ୟାନ ଆକର୍ଷଣ କରିବାକୁ ହେବ । ଜୋର୍ ଜବରଦସ୍ତି କରାଇବ ନାହିଁ । ଚାନ୍ଦାର ଗୁରୁତ୍ୱ ବିଷୟରେ ସେମାନଙ୍କୁ ବତାଉଥିବ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ମାଆଉନ୍ ସଦର୍ ବରାଏ ଆଇଟି କହିଲେ ଯେ, ତାଙ୍କୁ ଅନ୍‌ସାରୁଲ୍ଲାଃର ଓ୍ୱେବସାଇଟ୍, ରିପୋର୍ଟିଙ୍ଗ ଏବଂ ସର୍ଭେ ଇତ୍ୟାଦି କାର୍ଯ୍ୟ ଦିଆଯାଇଛି । ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, ପ୍ରତ୍ୟେକ ମାସ କେତେ ଜଣ ବ୍ୟକ୍ତି ଆପଣଙ୍କ ଓ୍ୱେବସାଇଟ୍ ପରିଦର୍ଶନ କରୁଛନ୍ତି । ଏଥିରେ ମାଆଓ୍ୱିନ୍ ସଦର କହିଲେ ଯେ, ଏ ବିଷୟରେ ତାଙ୍କର କୌଣସି ଜ୍ଞାନ ନାହିଁ । ଏକଥା ଶୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ କି, ଆଜିକାଲି ତ ଏହିପ୍ରକାରର ଜ୍ଞାନକୁ ହାସଲ କରିବା ବହୁତ ସହଜ ସାଧ୍ୟ ।

ଏହାପରେ ନାଏବ୍ ସଦର୍ ଦ୍ୱିତୀୟ କହିଲେ ଯେ, ତାଙ୍କ ଦାୟିତ୍ୱରେ ମାଲ୍, ତହ୍‌ରିକେ ଯଦିଦ୍, ଓ୍ୱକ୍‌ଫେ ଯଦିଦ୍, ଅଡ଼ିଟ୍ ଏବଂ ତାହେର୍ ସ୍କଲାରଶିପ୍ ଡ଼ିପାର୍ଟମେଂଟ ରହିଛି । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ନାଏବ୍ ସଦର ଦ୍ୱିତୀୟ କହିଲେ ଯେ, ତାହେର୍ ସ୍କାଲାର୍‌ଶିପ୍ ଅର୍ନ୍ତଗତ ଏପରି ଅନ୍‌ସାରମାନଙ୍କୁ ସାହାର୍ଯ୍ୟ କରାଯାଇଥାଏ ଯେଉଁମାନଙ୍କୁ ଚାକିରିରୁ ବାହାର କରିଦିଆଯାଇଥାଏ ଏବଂ ସେମାନେ ବେରୋଜଗାର ଥାଆନ୍ତି ତେଣୁ କୌଣସି ଏକ ନୂଆ ସ୍କିଲ୍ ବା କାମ ଶିଖିବାକୁ ଚାହୁଁଥାନ୍ତି ।

ନାଏବ୍ ସଦର୍ ସଫେ ଦୋଅମ୍ କହିଲେ ଯେ, ତାଙ୍କ ଦାୟିତ୍ୱରେ ସ୍ୱାସ୍ଥ୍ୟ ବିଭାଗ ରହିଛି ଏତଦ୍‌ବ୍ୟତିତ ସେ ଜାତୀୟ ଇଜ୍‌ତିମାର ନାଜିମେ ଆଲା ମଧ୍ୟ ଅଛନ୍ତି । ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, ଆପଣମାନଙ୍କର କେତେଜଣ ଅନ୍‌ସାର ବ୍ୟାୟାମ୍ କରୁଛନ୍ତି ? ସାଇକେଲ ଚଳାଉଛନ୍ତି ? ଏଥିରେ ସେ କହିଲେ ଯେ, ୩୦% ଅନ୍‌ସାର ସାମିଲ ହେଉଛନ୍ତି । କିଛି ମଜ୍‌ଲିସ୍‌ରେ ସ୍ଥାନିୟ କ୍ଲବରେ ଯାଇ ସେଠାରେ ସାଇକିଲିଙ୍ଗ ବ୍ୟାୟାମ ଇତ୍ୟାଦି କରୁଛନ୍ତି ।

ଏହି ମିଟିଙ୍ଗରେ ରିଜିୟନାଲ୍ ନାଜେମିନେ ଆଲା ମଧ୍ୟ ସାମିଲ ହୋଇଥିଲେ ହଜୁର ଅନଓ୍ୱର ଅ:ବ:ଅ ଜଣ ଜଣ କରି ସେହି ନାଜିମ୍ ମାନଙ୍କଠାରୁ ପରିଚୟ ହାସଲ କଲେ ଓ ସେମାନଙ୍କର ରିଜିଅନ୍‌ରେ କେତୋଟି ଲେଖାଁଏ ମଜ୍‌ଲିସ୍ ଅଛି ଓ ପ୍ରତି ମଜ୍‌ଲିସ୍‌ରେ କେତେ ତଜ୍‌ଲିଦ୍ ରହିଛି, ଏ ବିଷୟରେ ପଚାରି ବୁଝିଲେ । ପୁଣି ଏ କଥା ମଧ୍ୟ ପଚାରିଲେ ଯେ, କେତେ ସଂଖ୍ୟକ ମଜ୍‌ଲିସ୍ ଆକ୍ଟିଭ୍ ଅଛନ୍ତି । ହଜୁର ଅନଓ୍ୱର ଅ:ବ:ଅ ଏ କଥା ନିର୍ଦ୍ଦେଶ ଦେଲେ ଯେ, ସର୍ବ ପ୍ରଥମେ ରିଜିୟନାଲ୍ ନାଜିମେ ଆଲାଙ୍କୁ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 08 Aug 2019 Issue No. 32

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ୩୦ ଅକ୍ଟୋବର ୨୦୧୮(ମଙ୍ଗଳବାର)

### ମଜ୍‌ଲିସ୍ ଅନ୍‌ସାରୁଲାଃ ୟୁ.ଏସ୍.ଏର ନ୍ୟାସନାଲ୍ ଆମେଲାର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାରର ବଳକା ଅଂଶ

ଏହାପରେ ହଜୁର ଅନଓ୍ୱର ଅ:ବ:ଅ କାଏଦ୍ ତାଲିମ୍‌ଙ୍କଠାରୁ ପଚାରି ବୁଝିଲେ ଯେ, ଚଳିତ ବର୍ଷ ତାଲିମ ପ୍ରସଙ୍ଗରେ କ'ଣ ସବୁ ଯୋଜନା ରହିଛି । ଏଥିରେ କାଏଦ୍ ତାଲିମ୍ କହିଲେ ଯେ, ଆମେ ଏ ବର୍ଷ ପାଇଁ କଣ୍ଡି ନୁହ୍, ଏବଂ ତା ମଧ୍ୟରେ ଥିବା ପବିତ୍ର କୋରାନ୍‌ର ଆୟତ ଗୁଡ଼ିକୁ ସିଲାବସ୍‌ରେ ରଖିଥିଲୁ । ପ୍ରଥମେ ଆମେ ଏହି ପୁସ୍ତକଟିକୁ ଛଅ ମାସ ପାଇଁ ରଖିଥିଲୁ କିନ୍ତୁ ହଜୁର ଅନଓ୍ୱର ଅ:ବ:ଅଙ୍କ ଖୁତ୍‌ବା ଜୁମା ଶୁଣିବା ପରେ ଏହାକୁ ଛଅମାସ ପରିବର୍ତ୍ତେ ଏକ ବର୍ଷ ପାଇଁ ରଖିଲୁ । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ କାଏଦ୍ ତାଲିମ୍ କହିଲେ ଯେ ବର୍ତ୍ତମାନ ୧୫୪୨ଜଣ ଅନ୍‌ସାର୍ ଏହାକୁ ପଢ଼ି ସାରିଛନ୍ତି । ଯାହା ପଚାଶ ପ୍ରତିଶତର ନିକଟତର ଅଛନ୍ତି । ସେହି ଅନ୍‌ସାରମାନେ ନିୟମିତ ରୂପେ ଏହି ପୁସ୍ତକର ଅନ୍‌ଲାଇନ୍ ପରିକ୍ଷା ମଧ୍ୟ ଦେଇଛନ୍ତି ।

ଏହାପରେ କାଏଦ୍ ତରବିୟତ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ କହିଲେ ଯେ, ଏ ବର୍ଷ ଆମର ଦୁଇଟି ବଡ଼ ଲକ୍ଷ ଅଛି । ପ୍ରଥମଟି ହେଉଛି ଅନ୍‌ସାରମାନେ କିପରି ହଜୁର ଅନଓ୍ୱର ଅ:ବ:ଅଙ୍କ ଖୁତ୍‌ବା ଜୁମା ଶୁଣିବେ ଓ ଦ୍ୱିତୀୟଟି ହେଉଛି ଓ୍ୱସିୟତ୍ ବ୍ୟବସ୍ଥାରେ ସାମିଲ ହେବେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ନମାଜ୍ ବାଯମାତ୍ (ସାମୂହିକ ନମାଜ ପାଠ) ପଢ଼ିବାପାଇଁ ଆପଣ କାହିଁକି ଧ୍ୟାନ ଦେଉ ନାହାନ୍ତି ? ଏଥିପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ ।

କାଏଦ୍ ତର୍‌ବିୟତ କହିଲେ ଯେ, ଆମେ ଖୁତ୍‌ବା ଜୁମା ପ୍ରସଙ୍ଗରେ ଏ ଅନୁମାନ ଲଗାଇଥିଲୁ ଯେ, ପ୍ରତ୍ୟେକ ମାସ କେତେଜଣ ଅନ୍‌ସାର ଏପରି ଅଛନ୍ତି ଯେଉଁମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ଅତି କମ୍‌ରେ ଗୋଟିଏ ଖୁତ୍‌ବା ଶୁଣୁଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣ କେବଳ ଗୋଟିଏ ଖୁତ୍‌ବା ଉପରେ କାହିଁକି ଧ୍ୟାନ ଦେଉଛନ୍ତି ? ସମସ୍ତ ଖୁତ୍‌ବା ଗୁଡ଼ିକ ଉପରେ କାହିଁକି ଧ୍ୟାନ ଆକର୍ଷଣ କରାଉନାହାନ୍ତି ? ଶତ୍‌ପ୍ରତିଶତ୍ ଅନ୍‌ସାର ଖୁତ୍‌ବା ଶୁଣନ୍ତୁ ଓ ପ୍ରତ୍ୟେକ ଖୁତ୍‌ବାକୁ ଶୁଣନ୍ତୁ । ଆପଣଙ୍କର ଲକ୍ଷ ଏହା ହେବା ଉଚିତ ଯେ, ପ୍ରତ୍ୟେକ ନାସିର୍ ନିୟମିତ ପ୍ରତ୍ୟେକ ସପ୍ତାହରେ ଖୁତ୍‌ବା ଶୁଣନ୍ତୁ ।

ଏଥିରେ ସଦର୍ ମଜ୍‌ଲିସ୍ ଅନ୍‌ସାରଲାଃ କହିଲେ ଯେ, ଆମେ କେବଳ ଏ କଥାର ଅନୁମାନ ଲଗାଇଥିଲୁ ଯେ, କେତେ ଜଣ ଅନ୍‌ସାର ଏପରି ଅଛନ୍ତି ଯେଉଁମାନେ ଅତି କମ୍‌ରେ ଗୋଟିଏ ଖୁତ୍‌ବା ଶୁଣୁଥିଲେ ଓ ନିଜ ଘରେ ଏ ବିଷୟରେ ଚର୍ଚ୍ଚା କରୁଥିବେ । ଆମର ଏ ଉଦ୍ଦେଶ୍ୟ ଥିଲା ଯେ, ଲୋକମାନେ ଖୁତ୍‌ବା ଜୁମାକୁ ନିଜର ନିତିଦିନ ଜୀବନର ଅଂଶ ବିଶେଷ ବନାନ୍ତୁ ଓ ଖୁତ୍‌ବାକୁ ନିୟମିତ ରୂପେ ନିଜ ପରିବାରରେ ଚର୍ଚ୍ଚା କରନ୍ତୁ ।

କାଏଦ୍ ତର୍‌ବିୟତ୍ ଓ୍ୱସିୟତ ସମ୍ବନ୍ଧରେ ବତାଇଲେ ଯେ, ଆମେ ମଧ୍ୟମ ଧରଣର ମଜ୍‌ଲିସ୍ ଗୁଡ଼ିକୁ ତିନିଜଣ ଓ ବଡ଼ବଡ଼ ମଜ୍‌ଲିସ୍‌କୁ ପାଂଚଜଣଙ୍କୁ ଓ୍ୱସିୟତ କରିବାପାଇଁ ଲକ୍ଷ ଦେଇଛୁ ।

ହଜୁର ଅନଓ୍ୱର ଅ:ବ:ଅ ଏ ନିର୍ଦ୍ଦେଶ ଦେଲେ ଯେ, ଯେଉଁ ଅନ୍‌ସାରମାନଙ୍କ ବୟସ ୬୫ରୁ ଅଧିକା ହୋଇସାରିଛି ସେମାନଙ୍କୁ ଓ୍ୱସିୟତ ସମ୍ବନ୍ଧରେ କୁହନ୍ତୁ ନାହିଁ । ଲୋକମାନଙ୍କ ପାଇଁ ଏହା ଉଚିତ ଯେ, ସେମାନେ ତାଙ୍କ ଜୀବନର ପ୍ରଥମ ଭାଗରେ ହିଁ ଓ୍ୱସିୟତ ବ୍ୟବସ୍ଥାରେ ସାମିଲ ହୁଅନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ ଏ ନିର୍ଦ୍ଦେଶ ଦେଲେ ଯେ, ବାଯମାତ୍ ନମାଜ ପାଠ ପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ । ଅନ୍‌ସାରମାନଙ୍କୁ ପବିତ୍ର କୋରାନ୍‌ର ଆୟତ, ଆହାଦିସ୍, ହଜରତ ମସିହ ମଉଦ ଆ:ସ ଏବଂ ଖଲିଫାମାନଙ୍କ ଉପଦେଶାବଳୀ ମାଧ୍ୟମରେ ପାଂଚବେଳା ନାମଜ୍ ନିୟମିତ ପାଠ କରିବା ସକାଶେ ଧ୍ୟାନ ଆକର୍ଷଣ କରାନ୍ତୁ । ଏହି ଇକ୍‌ତେବାସାତ୍ ଗୁଡ଼ିକୁ ପ୍ରତ୍ୟେକ ନାସିର୍‌ଙ୍କ ନିକଟକୁ ପହଂଚୁ ଏବଂ ସେମାନେ ସେଗୁଡ଼ିକୁ ପଢ଼ନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଜାତିୟ ସ୍ତରରେ ଓ ସ୍ଥାନିୟ ସ୍ତରରେ ଏ କଥାକୁ ନିଶ୍ଚିତ କରାନ୍ତୁ ଯେ, ମଜ୍‌ଲିସ୍ ଆମେଲାର ପ୍ରତ୍ୟେକ ସଦସ୍ୟ ନିୟମିତ ପାଂଚବେଳା ନମାଜ୍ ପାଠ କରୁଥିବେ ଓ ସେଥି ମଧ୍ୟରୁ ଅତିକମ୍‌ରେ ତିନିଥର ବାଯମାତ୍ ନମାଜ୍ ହେଉଥିବ ବିଶେଷ ରୂପେ ଫଜର୍, ମଗ୍‌ରିବ୍ ଏବଂ ଇଶା ନାମଜ । ହଜୁର ଅନଓ୍ୱର ଅ:ବ:ଅ କହିଲେ ମୁଁ ମଜ୍‌ଲିସ୍ ଅନ୍‌ସାରୁଲାଃ ୟୁ.କେ ର ଇଜ୍‌ତିମା ଅବସରରେ ଯେଉଁ ଭାଷଣ ପ୍ରଦାନ କରିଥିଲି ତାକୁ ଶୁଣନ୍ତୁ ଏବଂ ତାହାକୁ ଇଂରାଜୀ ଭାଷାରେ ଅନୁବାଦ କରି ଅନ୍‌ସାରଙ୍କ ପ୍ରତ୍ୟେକ ସଦସ୍ୟ ନିକଟରେ ପହଂଚାନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ କାଏଦ୍ ତରବିୟତ୍ ନୌମୁବାଇନ୍ କହିଲେ ଯେ, ବିଗତ ତିନିବର୍ଷ ହେବ ୪୫ ଜଣ ନୌମୁବାଇନ୍ ଅଛନ୍ତି । ଆମେ ସେମାନଙ୍କୁ ନିଃଶୁଳ୍କ ଇସଲାମିକ୍ ଅନ୍‌ଲାଇନ୍ କୋର୍ସ ଏବଂ website: whyahmadi.org ବ୍ୟବହାର କରିବା ପ୍ରତି ଧ୍ୟାନ ଆକର୍ଷଣ କରାଉଛୁ ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ନୌମୁବାଇନମାନଙ୍କୁ ନାମଜ୍ ପଢ଼ିବା ଆସିବା ଉଚିତ, ସେମାନଙ୍କୁ ହଜରତ ମସିହ ମଉଦ ଆ:ସଙ୍କ ଦାବି ଏବଂ ଆସିବାର ଉଦ୍ଦେଶ୍ୟ ସମ୍ବନ୍ଧରେ ଜ୍ଞାନ ହେବା ଉଚିତ । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ କାଏଦ୍ ତର୍‌ବିୟତ୍ ନୌମୁବାଇନ୍ କହିଲେ ଯେ, ଏ ବର୍ଷର ଯେଉଁ ଏଗାରଜଣ ନୌମୁବାଇନ୍ ଅଛନ୍ତି ସେମାନଙ୍କ ସହିତ ମଧ୍ୟ ନିୟମିତ ରୂପେ ଯୋଗାଯୋଗ ରହିଛି ।

କାଏଦ୍ ତବ୍‌ଲିଗ୍ ନିଜର ରିପୋର୍ଟକୁ ଉପସ୍ଥାପନ କରି କହିଲେ ଯେ, ଚଳିତ ବର୍ଷ ତାଙ୍କର ଏ ଲକ୍ଷ ଥିଲା ଯେ, ଅନ୍‌ସାରମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ଖୁତ୍‌ବାକୁ ନିୟମିତ ଶୁଣନ୍ତୁ, ତବ୍‌ଲିଗ୍‌ରେ ଭାଗ ନିଅନ୍ତୁ, ଗ୍ରୁପ୍ ତବ୍‌ଲିଗ୍‌ରେ ଆକ୍ଟିଭ ରୁହନ୍ତୁ ଏବଂ ଜଲ୍‌ସା ଅବସରରେ ଅତିଥିମାନଙ୍କୁ ସାଙ୍ଗରେ ନେଇ ଆସନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ କାଏଦ୍ ତବ୍‌ଲିଗ୍ କହିଲେ ଯେ, ତାଙ୍କୀ ମୋଟ ୧୬୫ଜଣ ଦାଇୟାନେ ଇଲଲଲାଃ ଅଛନ୍ତି ଏବଂ ଚଳିତ ବର୍ଷ ଅନ୍‌ସାରୁଲାଃଙ୍କ ମାଧ୍ୟମରେ ଏଗାରଟି ବୟତ ହୋଇଛି ।

କାଏଦ୍ ତହରିକେ ଯଦିଦ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ କହିଲେ ଯେ, ତହ୍‌ରିକେ ଯଦିଦ୍‌ରେ ୧୬୩୨ଜଣ ଅନ୍‌ସାର୍ ଏ ପର୍ଯ୍ୟନ୍ତ ଭାଗ ନେଇ ସାରିଛନ୍ତି ଓ ଆମର ଏ ଲକ୍ଷ ଅଛି ଯେ, ଅତି କମ୍‌ରେ ୯୦% ଅନ୍‌ସାର ତହ୍‌ରିକ୍‌ରେ ଭାଗ ନିଅନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ କାଏଦ୍ ତବ୍‌ଲିଗ୍ କହିଲେ ଯେ, ଆମେ ମଜ୍‌ଲିସ୍‌ର ସଦସ୍ୟମାନଙ୍କୁ ହଜୁର ଅନଓ୍ୱର ଅ:ବ:ଅଙ୍କ ଖୁତ୍‌ବା ଗୁଡ଼ିକ ମଧ୍ୟରୁ ଇକ୍‌ତେବାସାତ୍ ଏବଂ ସମ୍ମାନୀୟ ବୟୋଜ୍ୟେଷ୍ଠ ଲୋକମାନଙ୍କ ଘଟଣାବଳୀ ମାଧ୍ୟମରେ ତହ୍‌ରିକ୍ କରୁଛୁ ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ଅନ୍‌ସାରୁଲାଃଙ୍କୁ ତହ୍‌ରିକ୍ ଯଦିଦ୍‌ରେ ସାମିଲ୍ ହେବା ପାଇଁ ପ୍ରୋତ୍ସାହିତ କରିବା ନିମନ୍ତେ ଓ ସେମାନଙ୍କୁ ମୋଟିଭେଟ୍ କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ହେବ । ଚେଷ୍ଟା କରନ୍ତୁ ଯେ, ସେମାନେ ପ୍ରତ୍ୟେକ ମାସ ତହ୍‌ରିକ୍ ଯଦିଦ୍‌ର ଚାନ୍ଦା ପ୍ରଦାନ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଯଦି ଆପଣ ପ୍ରତ୍ୟେକ ମଜ୍‌ଲିସ୍‌ରେ ନାଜିମ୍ ମାନଙ୍କୁ ଆକ୍‌ଟିଭ୍ କରିଦେବେ ତେବେ ଆପଣ ନିଜର ଲକ୍ଷକୁ ହାସଲ କରିପାରିବେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ କାଏଦ୍ ସାହେବ ଓ୍ୱକ୍‌ଫେ ଯଦିଦ କହିଲେ ଯେ, ପଛ ବର୍ଷ ୨୪୩୫ ଅନ୍‌ସାର ଓ୍ୱକ୍‌ଫେ ଯଦିଦ୍‌ରେ ଅଂଶ ଗ୍ରହଣ କରିଥିଲେ ଓ ଏ ବର୍ଷ ମଧ୍ୟ ଏ ପର୍ଯ୍ୟନ୍ତ ୧୬୦୦ ଅନ୍‌ସାର ସାମିଲ ହୋଇସାରଛନ୍ତି ଓ ନିଜର ଚାନ୍ଦା ପ୍ରଦାନ କରିସାରିଛନ୍ତି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ଏ ପର୍ଯ୍ୟନ୍ତ ଆପଣଙ୍କର ୫୦% ମଧ୍ୟ ହୋଇ ନାହିଁ । ଏଥିରେ କାଏଦ୍ ସାହେବ ଓ୍ୱକଫେ ଯଦିଦ କହିଲେ ଯେ, ସାଧାରଣତଃ ଲୋକମାନେ ଶେଷ ଦୁଇମାସରେ ଚାନ୍ଦା ପ୍ରଦାନ କରିଥାନ୍ତି ସାଥିଯୋଗୁଁ ଇନ୍‌ସାଅଲ୍ଲାଃ ସଂଖ୍ୟା ବଢ଼ିଯିବ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ୧୦୦% ଅନ୍‌ସାର ଓ୍ୱକ୍‌ଫେ ଯଦିଦ ଚାନ୍ଦାରେ କାହିଁକି ସାମିଲ ହେଲେ ନାହିଁ । ଶତ୍‌ପ୍ରତିଶତ ସାମିଲ ହେବା ଉଚିତ ।

କାଏଦ୍ ଜିହାନତ୍ ଓ୍ୱ ସିହତ୍ ଯୁସ୍‌ମାନି ନିଜର ରିପୋର୍ଟ ଉପସ୍ଥାପନ କରି କହିଲେ ଯେ, ୩୦%ରୁ ଅଧିକା ଅନ୍‌ସାର ବ୍ୟାୟାମ କରୁଛନ୍ତି ଏତଦ୍ ବ୍ୟତିତ ଆମେ ଗୋଟିଏ ହେଲ୍‌ପ ଲାଇନ୍ ମଧ୍ୟ ବନେଇଛୁ । ତା ମାଧ୍ୟମରେ ଅନ୍‌ସାରୁଲାଃ ଙ୍କ ସମସ୍ୟା ଇତ୍ୟାଦିକୁ ଶୁଣିଥାଉ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ଅଡ଼ିଟର୍ ସାହେବ ମଜ୍‌ଲିସ୍ ଅନ୍‌ସାରୁଲାଃ କହିଲେ ଯେ, ସେ ଲୋକାଲ ଯମାତ୍ ଗୁଡ଼ିକର ଦୌରାଃ (ଗସ୍ତ) କରୁନାହୁଁ । ବରଂ ସେମାନେ ସେମାନଙ୍କୁ ଲୋକାଲ ଯମାତ୍‌ଗୁଡ଼ିକରୁ ତ୍ରୈୟମାସିକ ରିପୋର୍ଟ ପ୍ରାପ୍ତ ହେଉଅଛି । ଆବଶ୍ୟକ ପଡ଼ିଲେ କିଛି ମଜ୍‌ଲିସ୍‌ଙ୍କ ନିକଟରୁ ଅଧିକା ରିପୋର୍ଟ ମଧ୍ୟ ମାଗିନେଉଛୁ ଓ ନିୟମିତ ଅଡ଼ିଟ୍ କାର୍ଯ୍ୟ କରିଥାଉ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଅଡ଼ିଟରଙ୍କର ଏହା ମଧ୍ୟ କାର୍ଯ୍ୟ ଯେ ସେ ନିୟମିତ ମଜ୍‌ଲିସ୍‌ଗୁଡ଼ିକୁ ଗସ୍ତ କରି

*ଅବଶିଷ୍ଟାଂଶ ପୃଷ୍ଠା- ୧୧ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan